

# ଗୌରାଙ୍ଗ ରୂପ ମାଧୁରୀ

ମହାମହୋତ୍ସବରେ ଆପଣମାନଙ୍କୁ ସ୍ୱାଗତ !

ସମସ୍ତେ ଗୌର-ପ୍ରେମର ପିପାସୁ ଅଟନ୍ତି...ହେବା ବି ଦରକାର ! ଏହାଠୁଁ ଶ୍ରେଷ୍ଠ ଆଉ କଣ ହୋଇ ପାରେ? କିଛି ବି ନୁହେଁ ! "ସେହି ଜାନି ତତ୍ତ୍ୱେର ରସ ସାର" | ଗୌର ପ୍ରେମରେ ଆଉ ଗୌର ରୂପ ରେ କେଉଁ ପ୍ରକାରର ଆକର୍ଷଣ ଅଟେ ଏହା ଆମକୁ ବୁଝିବାର ଅଛି | ତାଙ୍କରେ ଯେମିତି ଆକର୍ଷଣ ଅଛି, ସେମିତି ଗୌରରୂପର ପାନ କରନ୍ତି | ଶ୍ରୀମାନ ଗୋବିନ୍ଦ, ଯେ ମହାପ୍ରଭୁଙ୍କର ସଚିବ ଥିଲେ, ସେ ସେବକ କେମିତି ବନିଲେ? ସେ କୋଣସି  କାରଣରୁ ନିଜ ଗୃହ-ସମ୍ପତ୍ତି ତ୍ୟାଗିକି ଆସିଗଲେ...ସବୁ କିଛି ଛାଡି ! ଆଉ ଯେବେ ସେ ଜାଣିଲେ ଯେ ନଦିୟାରେ କୋଉ ଅବତାରର  ଆବିର୍ଭାବ ହୋଇଛି, ସେ କାହାକୁ ପଚାରିଲେ ଯେ : ଭାଇ! ଏହି ନଦିଆରେ ଅବତାରୀର ଗୃହ କେଉଁଠି? କେଉଁଠି ତାଙ୍କୁ ଭେଟି ପାରିବା? କେଉଁଠି ଦେଖା ହେବେ?" ସେ ଗ୍ରାମ୍ୟବାସୀ କହିଲେ : "ସେ ତ ଏହିଠି ଗଂଗାତଟରେ ସ୍ନାନ କରୁଛନ୍ତି !" ସେହି କାଳରେ ଗୌରାଙ୍ଗ ମହାପ୍ରଭୁ ସ୍ନାନ କରୁଥିଲେ | ଗୋବିନ୍ଦ ଯେବେ ତାଙ୍କର ଦର୍ଶନ କରିଲେ ସେହି ପରମ ମନୋହର ଯୁବକଙ୍କୁ...କାହା ସାଙ୍ଗରେ ସେ ଅଛନ୍ତି? ସେ ମହାତେଜସ୍ୱୀ ସାଧୁମଣ୍ଡଳରେ ଅବସ୍ଥିତ...ମହାତେଜସ୍ୱୀ ଏମିତି, ଯେମିତି ମାନି ନିଅନ୍ତୁ ଯେ ସାଧୁମାନେ ତାରାଗଣ ଭଳିଆ ଦିଶୁଛନ୍ତି ଆଉ ମହାପ୍ରଭୁ ଚନ୍ଦ୍ରମା ସମ ! ଅନ୍ୟ ସାଧୁମାନେ ବି ମହାତେଜସ୍ୱୀ ଅଟନ୍ତି କିନ୍ତୁ ମହାପ୍ରଭୁ ପରମ ସୁନ୍ଦର! ପରମ ସୁନ୍ଦର! ପରମସୁନ୍ଦର ଶବ୍ଦ ବି ତୁଛ ଦିଶେ! ଏତେ ସୁନ୍ଦର! ଶ୍ରୀମତୀ ରାଧାରାଣୀଂକୁ 'ପରମ ସୁନ୍ଦରୀ' କୁହା ଯାଏ | ପରମ ସୁନ୍ଦର ଯୁବକ! ଏମିତି ଆକର୍ଷଣ ଯେ ତେଜସ୍ୱି ଆଉ ଭକ୍ତିପୂର୍ଣ ସାଧୁ ତାଙ୍କ ଚାରି ଦିଶାରେ ଅବସ୍ଥିତ ଅଟନ୍ତି | ଏହି ସ୍ନାନର ବେଳା ! ଯେଉଁ ଗୋବିନ୍ଦ ପ୍ରଥମ ଥରେ ଦର୍ଶନ କରିଲେ ତାଙ୍କ ଶ୍ରୀରୁପର, ତାଙ୍କର ମସ୍ତିଷ୍କ ଆଶ୍ଚର୍ଯ୍ୟରେ ପଡିଗଲା ! ରୂପରେ ବି ଏମିତି ଶକ୍ତି ହୋଇ ଥାଏ - ଏହା ଭଗବଦ ଦର୍ଶନରୁ ହି ଜଣା ଯାଏ | ନହଲେ ରୂପର ଏହି ପ୍ରତାପ ମନୁଷ୍ୟଶରୀରରେ ହୁଏ ନାହିଁ! ଗୋବିନ୍ଦ ମହାପ୍ରଭୁଙ୍କୁ ଦେଖିଲେ ଆଉ ଚମତ୍କୃତ ହୋଇ ପଡିଲେ! ଏମିତିକା ଦର୍ଶନ ହେଉଛି ଯାହା ନେତ୍ରରେ ସମାହିତ ହେବାରେ ଅସମର୍ଥ | ତାଙ୍କ ରୂପରେ ଏତେ ମାଧୁର୍ଯ୍ୟ, ଆଉ କେବଳ ଏତେ ନ୍ୟୁନତମ ପ୍ରକାରର ଆଖି - ଏହାରେ ରୂପସୌରଭ କେଇମିତି ବସିବ? ଦର୍ଶନ କରୁଛନ୍ତି....ଯଦି ଚାମଚ ଦ୍ୱାରା ବାଲ୍ଟିର ପାଣି ପିୟା ଯାଏ ତ କେବେ କଣ ଆସ୍ୱାଦନ ପୁର୍ଣଭାବରେ ହୋଇ ପାରିବ? ଚାମଚରୁପି ନୟନରୁ ସମୁଦ୍ରରୂପି ସୌଷ୍ଟବର ପାନ ହେଉଛି ! ଦର୍ଶନ କରୁଛନ୍ତି... ଆଖିରେ ଏତେ ରୂପପ୍ରକାଶ ପ୍ରକାଶିତ ହେଉଛି ଯେ ନେତ୍ରମୁନ୍ଦନ କରି ପୁଣି ଦେଖିବାର ଚେଷ୍ଟା କରୁଛନ୍ତି..ରୂପସୌନ୍ଦର୍ୟର ଢୋକେ-ଢୋକେ ପାନ କରୁଛନ୍ତି ! ଏମିତିକା ବିଚିତ୍ର ରୁପସମୁଦ୍ର ଯାହା ପ୍ରତିକ୍ଷଣ ବର୍ଦ୍ଧମାନ ହେଉଛି...ଢୋକେ ପୁଣି ଢୋକେ, ତାର ପାନ କରୁଛନ୍ତି, ନେତ୍ର ଖୋଲୁଛନ୍ତି , ପୁଣି ବନ୍ଦ କରନ୍ତି ଆଉ ପୁଣି ଦର୍ଶନ କରନ୍ତି....କିନ୍ତୁ ରୁପଚନ୍ଦ୍ରିକାରୁ ମନ ଭରୁନାହିଁ ଆଉ ଏତେ ବିଲକ୍ଷଣ ଯାହା ନୟନରେ ବସୁ ନାହିଁ! ଯେମିତି କେଉଁ ସ୍ୱାଦିଷ୍ଟ ବସ୍ତୁକୁ ଦେଖି ମୁହଁରୁ ନାଳ ଆସେ, ସେହି ଭାବରେ ଆଖିରୁ ଅଶ୍ରୁଧାରା ବହୁଛି! ତାଙ୍କର ରୂପଶୋଭା ଦେଖି ମୁଖ ଅଶୃଜଳରେ ଭିଜି ଯାଇଛି...କିନ୍ତୁ ରୂପର ଅନ୍ତ ଦିଶୁ ନାହିଁ! ତାଙ୍କର ରୂପ ଏମିତି ଯାହାର ବ୍ୟାଖ୍ୟା ଦର୍ଶନ ଉପରାନ୍ତ ବି ଅସମ୍ଭବ ଆଉ ବୁଦ୍ଧି ପାଇଁ ଦୁର୍ଗମ! ଅପୂର୍ବ! ଏକ ଶବ୍ଦ ମାତ୍ର - ଅପୂର୍ବ! ଏମିତି ରୂପ ପୂର୍ବରୁ କେବେ ଦୃଷ୍ଟିଗୋଚର ହୋଇ ନ ଥିଲା! ଆଉ ଏହି ରୁପମହିମା କାହାକୁ ବି ପ୍ରାପ୍ତ ନୁହେଁ ! ଏହି ଚମତ୍କାରିତ୍ୱ ର ରୂପଗାରିମା ଇଶ୍ୱରଙ୍କର ବିଶେଷ ଗୁଣ ଅଟେ! ଏହା ଶ୍ରୀମନନାରାୟଣଙ୍କର ବି ଅଛି! ଯେବେ ନାରାୟଣଙ୍କର ରୂପରେ ଚମତ୍କାରିତ୍ୱ ଅଛି, ତାହାଲେ ଭାବନ୍ତୁ ଶ୍ରୀରାମଙ୍କର ରୂପରେ କେତେ ହୋଇ ଥିବ! ଆଉ ଯେବେ ରାମଙ୍କର ଏତେ ମଧୁରିମା ତାହାଲେ ଶ୍ରୀକୃଷ୍ଣଙ୍କର କେତେ ହୋଇ ଥିବ, ଯାହାଙ୍କୁ ଶାସ୍ତ୍ର କୁହନ୍ତି –

**ଈଶ୍ବର ପରମ କୃଷ୍ଣ, ସଚ୍ଚିଦାନନ୍ଦ ବିଗ୍ରହ |**


**ଅନାଦିର ଆଦି ଗୋବିନ୍ଦ ସର୍ବ କାରଣ କାରଣମ || (ବ୍ରହସଂହିତା ୫ .୧)**

ଆଉ ଯେବେ ସେହି ଶ୍ରୀକୃଷ୍ଣ **ରାଇ କନୁ, ଆନନ୍ଦ ତନୁ** ଗୌରାଙ୍ଗ ହୋଇଲେ....ଯେବେ ଏହି ସୌନ୍ଦର୍ୟରେ ଚମତ୍କାରିତ୍ୱ ହୋଇବ ତ କଣ ହୋଇବ, ଆପଣ ନିଜେ ଭାବନ୍ତୁ! ଏହାକୁ ହି ରାତ୍ରିଦିନ ପାନ କରୁଛନ୍ତି! ପ୍ରଥମ ଥରେ ଦର୍ଶନ କରୁଛନ୍ତି ଆଉ ଏତେ ଆସ୍ୱାଦନ ହେଉଛି ଯେ ବିଚାର କରିବାକୁ ବାଧ ହୋଇଗଲେ ଯେ ମୁଁ ବଞ୍ଚିବି ଅଥବା ମରିବି! କଣ ମରିବା ଠିକ ହୋଇବ ଅଥବା ଜୀବନ ଧାରଣ ଉଚିତ ରହିବ! କିଛି ପ୍ରଭେଦ ପଡେ ନାହିଁ ! ଯେଉଁ ବସ୍ତୁକୁ ମୁଁ ଖୋଜୁଥିଲି ତାହାର ଦର୍ଶନ ମୋତେ ପ୍ରାପ୍ତ ହୋଇ ସାରିଛି! କିଛି ଲାଭ ହୋଏ ଅଥବା ହାନି - କିଛି ଜାୟେସ ନାହିଁ! ଏହାକୁ ହିଁ ଇଶ୍ୱରଙ୍କର ରୂପ ଆକର୍ଷଣ ଜାଣିବା ଦରକାର! ଯେ ....କିଛି ମୀମାଂସା ଆଉ ଶେଷ ରହି ନ ଯାଏ! ବାସ! ହେଇ ଗଲା!

**ପାୟୋ ପରମ ବିଶ୍ରାମ! (ସୁନ୍ଦର ସୁଜାନ କୃପା ନିଧାନ)**

ପରମ ବିଶ୍ରାମ! ଯେତେ ବି ପାର୍ଷଦ ସେହିଠି ସ୍ଥିତ ତାଙ୍କର ମନ ମୋହରୂପ ରେ ଭରିଗଲା! ଯେମିତି ଖମ୍ବ କୋଉ ଜିନିଷରେ ଭରି ଯାଏ ସେହିମିତି ହିଁ ତାଙ୍କର ମନ ମୋହରେ ଭରି ଉଠିଲା! ହୃଦୟରେ ଗୌରରୂପର ଲୌଲୁପ ପ୍ରଗାଢ଼ିତ ହୋଇ ଖେଳୁଛି ! ହୃଦୟରେ ଗୌରାନୁରାଗର ପ୍ରଗାଢ଼ ତରଙ୍ଗ ତରଙ୍ଗାୟିତ ହେଉଛି! ଚିତ୍ତ ଆଉ କିଛି ବିଚାର ଧାରଣ କରିବାର ଯୋଗ୍ୟତା ଭୁଲି ଯାଏ! ତ ଏମିତି ରୂପର ଦର୍ଶନ କରି ଗୋବିନ୍ଦ ଆତ୍ମହରା ହୋଇ ଗଲେ! ପୁରା ବିଘଟିତ! ସେ ନିଜେ ବି ଜାଣି ପାରିଲେ ନାହିଁ ଯେ ଆଗକୁ କଣ କରିବେ! ପୁରା ଅଚେତ ଅବସ୍ଥାରେ ଛିଡା ହୋଇ ଗଲେ! ଆଉ ମହାପ୍ରଭୁଙ୍କର ରୂପ-ଐଶ୍ୱର୍ଯ୍ୟ ସଦା ନବଦ୍ୱୀପ, ମାନେ ନୂଆ ଦ୍ୱୀପ ଭାନ୍ତି ନବାୟମାନ ରହେ! ପ୍ରତୀକ୍ଷଣ ତାଙ୍କର ରୂପ ପରିବର୍ତିତ ହୁଏ! ମହାପ୍ରଭୁଙ୍କର ଗୋଟିଏ ଛବି ବି ନେତ୍ରଙ୍କୁ ଏମିତି ଟାଣି ନିଏ ଯେମିତି ପଙ୍କରେ ପାଦ ଧସି ଯାଏ...ଚେଷ୍ଟା କରି ବି ବାହାରକୁ ଆସେ ନାହିଁ! ଗୋଟେଇ ମୁହୂର୍ତ୍ତ ରେ ଜୀବ ଆବିଷ୍ଟ ହୋଇ ଯାଏ...ଆଉ ସେ ଛବିରେ ଶୋଡ଼ଏମାନ ଆଉ ଯାହା ପ୍ରତିକ୍ଷଣ ବିବିଧ ଦୃଶ୍ୟମାନ ହୋଏ! ତାଙ୍କର ଚମତ୍କାରିତ୍ୱ ରୁପମାଧୁରୀରୁ ଚମତ୍କାରୀ ତାଙ୍କର ଭକ୍ତ-ପାର୍ଷଦଙ୍କର ଚିତ୍ତ, ଆମର ଚିତ୍ତ, ତାଙ୍କ ରୂପସୌନ୍ଦର୍ୟରେ ନିଜକୁ ସମର୍ପିତ କରିବାର ଇଛା ହୁଏ! ଏକ ଛବିରୁ ଆଉରି ଏକ, ନୁତନ ଆଉ ନୁତନ, ଆଉ ସେହି ଛବିରେ ମନ ଆବିଶ୍ୱ! ଛବି ବର୍ଧଃମାନ ଅଟେ, ଆଉ ମନ ଆବିଶ୍ୱ, ଆଉରି ଆବିଶ୍ୱ ! ପୁର୍ଣ ଆତ୍ମହରା ଦଶାକୁ ପ୍ରାପ୍ତ ହୋଇ ଯାଏ! ତ ଗୋବିନ୍ଦ ବି ସେହି ରୂପର ଦର୍ଶନ ମାତ୍ରେ ଆତ୍ମହରା ହୋଇ ପଡିଲେ | ଆଉ ତଟକୁ ଆସି ମହାପ୍ରଭୁଙ୍କର ପାର୍ଷଦ ସାଙ୍ଗରେ ତାଙ୍କର ନିବାସ ସ୍ଥାନକୁ ପ୍ରସ୍ଥାନ କରିଲେ | ତ ମହାପ୍ରଭୁଙ୍କର ନିବାସ ଆସି ସଭି ଭକ୍ତମାନେ ନିଜ-ନିଜ ଗୃହକୁ ପ୍ରସ୍ଥାନ କଲେ...ଆଉ ଗୋବିନ୍ଦ ବୁଝି ପାରୁ ନାହାନ୍ତି ଯେ ତାଙ୍କୁ କଣ କରିବାର ଅଛି...ରୂପଛବିର ପ୍ରଭାବ ଏତେ ଗମ୍ଭୀର ଯେ ସେ ଆବଶ ସ୍ଥିତିରେ ଅଛନ୍ତି | ତାଙ୍କର ହୋସ ଆଉ ରହିଲା ନାହିଁ | କେବଳ ଅବିଛିନ ପାନ! ପୁଣି ମହାପ୍ରଭୁ ତାଙ୍କୁ ମନ୍ଦ ସ୍ମିତହାସ୍ୟ ସହିତ ଦେଖିଲେ ଆଉ ଇଶାରା କରି ଡାକିଲେ | ତ କେବଳ ଥରେ ତାଙ୍କୁ ଡାକିଲେ...ପୁଣି ଘରେ ଆସି ସ୍ନାନ ଇତ୍ୟାଦି କରିଲେ, ପ୍ରସାଦ ଗ୍ରହଣ କରିଲେ, ଆଉ ବାସ..ଗୋବିନ୍ଦ ଏମିତି ମହାପ୍ରଭୁଙ୍କର ସଚିବ ହୋଇ ଥିଲେ | ଏହି ଭାବରେ ଆମର ଭିତରେ ବି ପ୍ରଗାଢ଼ ଭାବନା ହେବା ଦରକାର ଯଦି ଆମେ ଗୌରଚନ୍ଦ୍ରଙ୍କର ଦର୍ଶନ କରିବାର ଇଛୁକ | ସେହି ଗୌରସୁନ୍ଦର ର ଛବି ଏମିତି ଆମର ଚିତ୍ତରେ ପ୍ରକାଶିତ ହୋଇ ଯାଉ ଯେ ଆମର ମନ ଆଉ କୋଉଠିବି ଖସି ନ ପଡୁ | କେବେ ବି ନ ଖସେ | ଏମିତି ଅଛି ଆଉ ସେମିତି ବି ନ ହୋଉ | ଯଦି ଛବି ଏହି ଭାବରେ ପ୍ରତିଷ୍ଠିତ ହୋଇବ ତାହାଲେ ହି ଗୌର ପ୍ରାପ୍ତି ସମ୍ଭବ! ଗୌରାଙ୍ଗ ମହାପ୍ରଭୁଙ୍କର ସବୁ କିଛି - ରୂପ, ଗୁଣ, ଲୀଳା - ସବୁ ମଧୁର ଅଟେ | ଆପଣ ଦେଖନ୍ତୁ ଯେ ତାଙ୍କର ପାର୍ଷଦଙ୍କର ହୃଦୟ କେଉଁ ଭାବରେ ତାଙ୍କରେ ଆବିଶ୍ୱ ଥିଲା..ସେହି ପ୍ରକାର ଆମର ଚିତ୍ତ ବି ତାଙ୍କଠାରେ ଆବିଶ୍ୱ ହେବା ଦରକାର |

ଉଠିତେ ବଶୀତେ ଦିକ ନିରଖୀତେ
ହେରି ହେ ଗୌରାଙ୍ଗ ରାୟ |



ଉଠିବାରେ ଆଉ ବସିବାରେ, ଆଉ ସଭି ଦିଗରୁ ଦେଖିଲେ, ଦଶ ଦିଗରୁ ଦେଖିଲେ...କିଏ ଦେଖା ଯାଏ? ଗୌରାଙ୍ଗ ରାୟେ! ଆମର ଦୃଷ୍ଟି ଏମିତି ହେବାର ଅଛି ଯେ ଆମ ସ୍ୱୀ ନୟନେରେ ବି ଆମକୁ ଗୌରାଙ୍ଗ ରାୟ ହି ଦିଶନ୍ତୁ | ଛୁଆମାନଙ୍କୁ ଦେଖିଲେ ବି ଗୌରଚାନ୍ଦ ଦୃଷ୍ଟିଗୋଚର ହୁଅନ୍ତୁ | ଯଦି ଦର୍ପଣରେ ବି ଦେଖନ୍ତି ତ କେବଳ ଗୌରରାୟ ଦେଖା ଯାଆନ୍ତି !


ହେରି ହେ ଗୌରାଙ୍ଗ ରାୟ
ହୃଦି ସରୋବରେ ଗୌରାଙ୍ଗ ପଶିଲୋ, ସକଲି ଗୌରାଙ୍ଗମୟ ||

ଆମର ହୃଦୟରୁପି ସରୋବରରେ ଗୌରାଙ୍ଗ ମହାପ୍ରଭୁ ବିରାଜିତ ହୁଅନ୍ତୁ, ଆଉ ସକଳ ହୃଦୟ ଗୌରମୟୀ ହୋଇ ଯାଏ |

ତନେ ଗୌରା, ମନେ ଗୌରା
ତନେ ଗୌରା, ମନେ ଗୌରା |
ହା ହା ଗୌରା, ପ୍ରାଣ ଗୌରା
ହା ହା ଗୌରା, ପ୍ରାଣ ଗୌରା ||
ଆଗେ ଗୌରା ପାଛେ ଗୌରା
ଆଗେ ଗୌରା ପାଛେ ଗୌରା |
ହା ହା ଗୌରା, ପ୍ରାଣ ଗୌରା
ହା ହା ଗୌରା, ପ୍ରାଣ ଗୌରା ||
ଏ ଦୁଇଟି ନୟନେ କତେ ବହେରିବ,
ଲାଖ ଆଖି ଯଦି ହୟ ||

କଣ କୁହା ଯାଇଛି? ଏହି ଦୁଇଟି ନୟନେ- ଏହି ଚାମଚରୁପି ନୟନ ସେ ସମୁଦ୍ର ର କେମିତି ପାନ କରିବେ? ହେ ଗୌର ପ୍ରଭୁ, ମୁଁ ଏ ନୟନେ ଆପଣଂକର ମାଧୁରୀ କେମତି ଦେଖିବି? ଏହି ଛୋଟ ନୟନରୁ? ଲାଖ ଆଖି ଯଦି ହୋଏ- କାଶ ପ୍ରଭୁ, ମୋର ଲକ୍ଷ ଲକ୍ଷ ଆଖି ଥାଆନ୍ତା..ତାହାଲେ ତ ମୁଁ ଆପଣଂକର ରୂପସମୁଦ୍ରର କିଂଚିତ ପାନ କରି ପାରିବାରେ ସମର୍ଥ ହୁଅନ୍ତି | କିଂଚିତ! **ଲାଖ ଯଦି ଆଖ ହୋଏ! ଏ ଦୁଇଟି ନୟନେ କତେ ବହେରିବ!** ଏହି ଦୁଇ ନୟନେ କଣ ଭଲା  ହେବ? ଅନନ୍ତ ଶେଷ ନିଜ ସହସ୍ର ନେତ୍ରରୁ ଦର୍ଶନ କରି ବି ରୂପଐଶ୍ୱର୍ଯ୍ୟର ବର୍ଣନା କରି  ପାରନ୍ତି ନାହିଁ, ଆଉ ଆମେ କଣ ଦୁଇ ନେତ୍ରରେ ପାନ କରି ପାରିବା..ସେ ବି ପୁଣି ଗୌରାଙ୍ଗ ମହାପ୍ରଭୁଙ୍କର ରୂପର! ଅନନ୍ତ ତ ନାରାୟଣଙ୍କର ବର୍ଣନା କରି ପାରନ୍ତି ନାହିଁ ଆଉ ଏହି ତ ଗୌରାଙ୍ଗ ମହାପ୍ରଭୁ! ଏହି ଦୁଇ ନୟନରୁ କେମିତି ପାନ ହେବ?

ଜାଗିତେ ଗୌରାଙ୍ଗ , ଘୁମିତେ ଗୌରାଙ୍ଗ
ସକଳି ଗୌରାଙ୍ଗ ଦେଖି |



ଜାଗୃତ ଅବସ୍ଥାରେ ଗୌରାଙ୍ଗ, ଭ୍ରମଣରେ ଗୌରାଙ୍ଗ, ନିଦ୍ରାରେ ବି ଗୌରାଙ୍ଗ! ଏହି ପ୍ରକାରର ଚିତ୍ତ ତାଙ୍କର {ପାର୍ଷଦଙ୍କର} ବି, ଆଉ ଆମର ବି ହେବା ଆବଶ୍ୟକ! ତାହାଲେ ଯାଇକି ଆମେ ସେହି ରୂପଭଙ୍ଗିମାର ପାନ କରିବାର ଯୋଗ୍ୟତା ପ୍ରାପ୍ତ କରିବା!

**ଭୋଜନେ ଗୌରାଙ୍ଗ, ଗମନେ ଗୌରାଙ୍ଗ**
**ଇ ହୋଇଲ ଆମର ସଖି!**

ଭୋଜନେ ଗୌରାଙ୍ଗ, ଗମନେ ଗୌରାଙ୍ଗ! ପ୍ରତିକ୍ଷଣ! ଆପଣ କିଛି ବି କରନ୍ତୁ, କେବଳ ଗୌରାଙ୍ଗ ମହାପ୍ରଭୁ ଆପଣଙ୍କୁ ଦିଶିବା ଦରକାର | ଆମକୁ ଏହା ଜାଣିବାର ଅଛି ଯେ ଚିତ୍ତ **୯୯ %** ବି ଗୌରମୟୀ ହେବା ଅଶୋଭନୀୟ...ଆମକୁ ପୁରା **୧00%** ର କାମନା ଅଟେ! ଏହା ଠାରୁ କମ ହେଲେ ଉତ୍ତମଗତି ପ୍ରାପ୍ତ ହୁଏ ନାହିଁ! ସକଳି ଗଉରାଙ୍ଗମୟ! ସକଳି ଗୌରାଙ୍ଗ ଦର୍ଶନ!

**ନବଦ୍ୱୀପେ ପଥେ ପଥେ ଗୌରାଙ୍ଗ ହେ!**
**ଆମାର ଚିତ୍ତ ପଥେ ପଥେ ଗୌରାଙ୍ଗ ହେ!**
**ନରହରି ଚିତ୍ତ ପଥେ ଗୌରାଙ୍ଗ ହେ!**
**ଆମାର ଚିତ୍ତ ପଥେ ପଥେ ଗୌରାଙ୍ଗ ହେ!**

ଆଉ ଗୌରାଙ୍ଗ ମହାପ୍ରଭୁଙ୍କର ଦର୍ଶନ ଏତେ ସୁନ୍ଦର ଅଟେ!

**ଗୌର କଳେବର କରେ ଝଲ ମଲ, ଶରଦ ଚାନ୍ଦେର ଆଲୋକ |**
**ମଧୁର ମଧୁର ଗୌର କିଶୋର, ମଧୁର ମଧୁର ନାଟ |**

ଏତେ ମଧୁର ଏତେ ମଧୁର, ଏତେ ମନୋହର ଅଟନ୍ତି, ତାଙ୍କର ନୃତ୍ୟ ଏତେ ଭକ୍ତିମୟ ଯେ ସେ ମୂର୍ଚ୍ଛିତ ହୋଇ ପଡନ୍ତି | ମୂର୍ଚ୍ଛିତ କାହିଁକି ହୁଅନ୍ତି? କାହିଁକି ନା ତାଙ୍କର ହୃଦୟରେ ଯୋଉ ଆନନ୍ଦ ଗୁଞ୍ଜାଏମାନ ହେଉଛି ତାକୁ ସେ ସହି ପାରନ୍ତି ନାହିଁ! ତ ମୁର୍ଚ୍ଛାବସ୍ଥା ତାଙ୍କ ଗତି ହୋଇ ଯାଏ | ଏତେ ଆନନ୍ଦ, ଏତେ ଆନନ୍ଦ ଯାହା ହୃଦୟପଟଳରେ ରହି ପାରେ ନାହିଁ | ଏଇଥିଲାଗି ଅକସ୍ମାତ ଭୂମିରେ ପଡି ଯାଆନ୍ତି | ଏହି ଭାବରେ ତାଙ୍କର ଦିବ୍ୟ ନୃତ୍ୟ ଉଦ୍ଘାଟିତ ହୁଏ |

**ମଧୁର ମଧୁର ସବ ସହଚର, ମଧୁର ମଧୁର ହାଟ**
**ମଧୁର ମଧୁର ମୃଦଙ୍ଗ ବାଜତ, ମଧୁର ମଧୁର ତାନ |**
**ମଧୁର ହେଲନ, ମଧୁର ଦୋଳନ,**
**ମଧୁର ମଧୁର ଗତି ||**

ତାଙ୍କର ହିଲିବା, ତାଙ୍କର ଡୋଲିବା- ସେ ଏତେ ମାଦକ ହୋଇ ଥାଏ ଯେ...ଗୌରାଙ୍ଗ ମହାପ୍ରଭୁଙ୍କର ମୁଖାରବିନ୍ଦ ଏମିତିକା ଯେ ତାକୁ ଦେଖି ଆଉ ସବୁ ସୁନ୍ଦର ବସ୍ତୁ ତୁଚ୍ଛ ଦିଶେ! ସବୁ ଆସକ୍ତି ଲୁପ୍ତ ହୋଇ ଯାଏ! ଆମକୁ କେବଳ ଗୌର ମୁଖରେ ସନ୍ତୁଷ୍ଟି ହୁଏ ନାହିଁ, ଆମକୁ ଗୌରମୁଖମଣ୍ଡଳରେ ଆସକ୍ତି...ଯେମିତି ଆକାଶମଣ୍ଡଳରେ କେତେ ରମ୍ୟ ଜିନିଷ ଦେଖିବାକୁ ମିଳେ...ସେମିତି ଗୌରମୁଖମଣ୍ଡଳ! ତ

ଆମକୁ କେବଳ ଉପରରୁ ହି ଦେଖିବା ନ ଦରକାର...ଚମତ୍କାରିତ୍ୱ ସହିତ ତାଙ୍କର ମୁଖମଣ୍ଡଳର ଶୋଭା ଆମର ହାର୍ଡବସ୍ତୁ ଅଟେ! ମୁଖମଣ୍ଡଳ! ତ ମୁଖମଣ୍ଡଳର ଦର୍ଶନ କରିବା ପାଇଁ ଯଦି ଇଚ୍ଛୁକ ତ ମନରେ ସଦା ଏହି ଅଭିଳାଷ ହେବାର ଅଛି ଯେ ମୁଁ ତାଙ୍କୁ କେବେ ପ୍ରେମ୍ପୂର୍ଣ ଦୃଷ୍ଟିରେ ନିରଖିବି, କେବେ, କେବେ! ମୋତେ କେବଳ ଆପଣଂକର ମୁଖମଣ୍ଡଳର ଦର୍ଶନ ଅଭିଳାଷ ନୁହେଁ ଅପିତୁ ସମ୍ପୂର୍ଣ ପ୍ରେମାମୃତ ସ୍ଖଳିତ ରୂପମୂର୍ତୀ ଦର୍ଶନର ବାଞ୍ଛା! ସାଧନାରେ ସାଧକ କହି ଥାଏ- ମୁଁ ଆପଣଂକର କେବଳ ମୁଖମଣ୍ଡଳର ନୁହେଁ, ଅଙ୍ଗ-ପ୍ରତ୍ୟଙ୍ଗ ସହିତ ରୂପର ଦର୍ଶନ କରିବି! ଆଉ ସେହି ଦର୍ଶନ ବି : ମଧୁର ହେଲନ ମଧୁର ଦୋଳନ, ମଧୁର ମଧୁର ଗତି | ଦର୍ଶନ ତ କରିବି ହି, ସାଙ୍ଗରେ ମଧୁର ହେଲନ ଆଉ ମଧୁର ଦୋଳନର ବି ଦର୍ଶନ କରିବି..ପ୍ରତିକ୍ଷଣ ମହାପ୍ରଭୁଙ୍କର ଭାବ ବିବିଧ ଅଟେ! ଭାବ ପରିବର୍ତନ ସାଙ୍ଗରେ ତାଙ୍କ ମୁଖାରବିନ୍ଦର ସୌନ୍ଦର୍ଯ୍ୟ ବର୍ଧଃମାନ ହେଉଛି | ସାଙ୍ଗରେ ତାଙ୍କ ଶ୍ରୀମୁଖ ଆଉ ଶ୍ରୀଅଙ୍ଗର କାନ୍ତି ବିସ୍ତାରିତ ହେଉଛି | ଆପଣଙ୍କର ଶରୀର କାନ୍ତି ଆରମ୍ଭରୁ ହି ବିଗଳିତ ଅଟେ, କିନ୍ତୁ ହେଲନ-ଦୋଳନରେ ସେ ଆଉରି ବଢି ଯାଏ..ମନର ଭାବ-ଭଙ୍ଗିମାରୁ ଆପଣଂକର ମୁଖାଭିବ୍ୟକ୍ତି ପରିବର୍ତିତ ହୋଇ ଯାଏ | ସେଥିରେ ଶ୍ରୀଅଙ୍ଗର କାନ୍ତି ପରିବର୍ତିତ ହୋଇ ଯାଏ | ଆଉ ଯେବେ ନୃତ୍ୟରୁ ଭାବ ଆଉରି ଘନୀଭୂତ ହୋଇ ଯାଏ ତ...ତାଙ୍କର ଶ୍ରୀଅଙ୍ଗରୁ ପ୍ରେମକାନ୍ତି ଆଉରି ପ୍ରବାହମାନ ହୋଇ ଯାଏ! ଆଗୁରୁ ବି ହୋଉ ଥିଲା, କିନ୍ତୁ ଭାବ ବର୍ଦ୍ଧନ ସହିତ ଶ୍ରୀଅଙ୍ଗ କାନ୍ତି ତୀବ୍ରତରେ ବଢେ! ତ,

ମଧୁର ମଧୁର ଗୌର କିଶୋର, ମଧୁର ମଧୁର ନାଟ |
ମଧୁର ହେଲନ ମଧୁର ଦୋଳନ,
ମଧୁର ମଧୁର ଗତି ||
ମଧୁର ମଧୁର ବଚନ ସୁନ୍ଦର, ମଧୁର ମଧୁର ଭାତି,
ମଧୁର ନୟନ ଅତୁଳ, ମଧୁର ଇଙ୍ଗିତ ଯାଏ ||

ଶ୍ରୀମାନ ଗୌରାଙ୍ଗରେ ଆମର ଚିତ୍ତ ଆବିଶ୍ଵ ହେବା ଦରକାର | ପ୍ରତୀପଳ ମୋତେ ଗୌରାଙ୍ଗ ମୁଖମଣ୍ଡଳର ଲାଳସା ହେବା ଦରକାର...ସମ୍ପୂର୍ଣ ମଣ୍ଡଳର! ପୁଣି, ଅନ୍ୟ କଥା? ନାହିଁ ନାହିଁ - ପୁଣି ତାଙ୍କର ଦିବ୍ୟଦେହର ରୂପ ସମୁଦ୍ରର ଦର୍ଶନ କରନ୍ତୁ ! ପୁଣି ହେଲନ-ଦୋଳନ ସାଥିରେ ଦର୍ଶନ କରନ୍ତୁ | ପୁଣି? ଗତିଃଭଙ୍ଗିମାର ପିପାସା ଅଛି | ବାସ! ଅଷ୍ଟୟାମରେ ଚିତ୍ତଭ୍ରମର ଏହି ମଧୁର ପାନ କରିବା ଦରକାର | ଚିତ୍ତର ଏକ ତରଙ୍ଗ ମୁଖ, ଦ୍ଵିତୀୟ ହେଲନ, ତ୍ରିଟୟ ଦୋଳନ, ଚତୁର୍ଥ ଗତି...ବାସ! ଚିତ୍ତର ଗତି ଏହି ଦିଶାରେ ଚାଲିବା ଦରକାର | ଏହି ମଧୁର ହାଟ, ଏହି ମଧୁର ନାଟ! ଏହି ଆମ ଚିତ୍ତରେ ରାତ୍ରିଦିନ ଚାଲିବା ଦରକାର, ତେବେ ଯାଇକି ଗୌରଦର୍ଶନ ଆମକୁ ସୁଲଭ ହୋଇବ...ସ୍ଵାଭାବିକ ହୋଇବ | **ସାଧକର ଜପ ଆବେଶ ନିହିତ ହୁଏ** - ମାନେ ଗମ୍ଭୀର ହୁଏ, ଆବେଶ! ତ ମହାପ୍ରଭୁଙ୍କୁ ଦେଖିବାର ଚେଷ୍ଟା ଭିନ୍ନରୂପରେ କରିବାର ଦରକାର ପଡେ ନାହିଁ...ସାଙ୍ଗରେ ଦର୍ଶନ ବି ହୁଏ | ଯେବେ ଆମର ହୃଦୟରେ ଇଚ୍ଛା ହୋଇବ ଆଉ ଦର୍ଶନ...ଇଚ୍ଛା ଆଉ ଦର୍ଶନ ବିପରୀତ ନୁହେଁ! ଇଚ୍ଛା ସହିତ ଦର୍ଶନ ହୁଏ | ଭାବଦଶାରେ ହି ଦେହାବେଶ ନଷ୍ଟ ହୋଇ ଯାଏ, ଦେହବେଶରୁ ଉପର ହୋଇ ଯାଆନ୍ତି..ପ୍ରାୟ ଦେହକୁ ଛାଡିକି ଭାବ ଦଶାରେ ରୁହନ୍ତି..ରତି | ଆଉ ପ୍ରେମଭକ୍ତିରେ ସ୍ଵରୂପାବେଶ ସଘନ ହୁଏ | ପ୍ରାୟ ଶରୀରକୁ ଛାଡିକି ହି ରୁହନ୍ତି | ଆଉ ଏମିତି ନୁହେ ଯେ ଗୌରଂକୁ ମୁଁ ଏମିତି ପ୍ରେମ କରିବି କି ସେମିତି...ପ୍ରେମ କାହାର ନିର୍ଦେଶରେ ହୁଏ ନାହିଁ ! କେମିତି କରିବି? କେବେ ନିଜ ସନ୍ତାନ ପାଇଁ ପଚାରିଛନ୍ତି ଯେ ତାକୁ ପ୍ରେମ କେମିତି କରିବି? ଅଥବା ନିଜ ବଡ ଅଥବା ସ୍ଵାମୀ ପାଇଁ? କେବେ ପଚାରି ନାହାନ୍ତି! Anybody ever asked how should I love my wife or my kids? Or how should I love my parents? No! It's like natural! ଏହି ତ ସ୍ଵାଭାବିକ! Same way you have to love Lord Gauranga! My kids, my wife – Similarly my Gaur! Same way! You don't have to do anything

out of the way! ଆପଣଙ୍କୁ କିଛି ବିଚିତ୍ର ବା ଅଦ୍ଭୁତ କରିବାର ନାହିଁ ! Just the same way! You've to simply channelise it in the right direction. ଆପଣଙ୍କୁ ବାସ ନିଜ ଭାବକୁ ଠିକ ଦିଗରେ ଲଗେଇବାର ଅଛି | ଏହାର ପ୍ରାପ୍ତି ପାଇଁ ଭଜନୀୟ ପୁର୍ବୁରୁ ଭଜନରେ ଆସକ୍ତି ହେବା ଅନିବାର୍ଯ୍ୟ | ଭଜନୀୟ ମାନେ ଭଗବାନ...ଆଉ ତାଙ୍କ ସାଙ୍ଗରେ ପ୍ରେମ ପୁର୍ବୁରୁ ଭଜନରେ ଆସକ୍ତି | ଭଜନ କଣ? ଯେ ଆମର ହୃଦୟର ପ୍ରତ୍ୟେକ ଅଙ୍ଗରେ କେବଳ ତାଙ୍କର ସୌରଭ ହେଉ | ଆଉ କିଛି ବି ନୁହେ, କେହି ବି ନୁହେଁ ! କିଛି ପ୍ରକାରର ବି ସୁଖବୁଦ୍ଧି ହୃଦୟରେ ନ ହେଉ, କାହିଁକି ଯଦି କେଉଁ ବସ୍ତୁ-ମନୁଷ୍ୟରେ ଆପଣଂକର ଶୁଖବୁଦ୍ଧି ଅଛି, ତ ଆପଣଂକର ଚିତ୍ତ ଭଗବାନଙ୍କର ଅନାବୃତ ଚିନ୍ତନ କରି ପାରିବ ନାହିଁ | ଆପଣଙ୍କର ଚିତ୍ତ ସୁଖବିଷୟରେ ଭ୍ରମଣ କରି ଚାଲି ଥିବ | If you want to remember and relish Lord Gauranga, then we must not have any kind of sense of happiness…that I can get happiness from a person, or through anything! If that thing remains then heart will go there. Where one seeks happiness, where one finds happiness, where one relishes happiness in the material world; If you have any such concept, even one concept, that in a kid or woman or car, then your heart will go ther, and not to Lord Gauranga. If you want to become Gaurmaya, you need to know that you have to leave the illusion that anything [else] can give me happiness. Till we remove this illusion, our heart can never become Gaurmaya. The fact is we cannot relish anything of this material world. Only that is *Premras* – Love of God. This is the only thing that *jiva* can relish. ଯଦି ଆପଣ ଗୌରମୟ ହେବା ପାଇଁ ଇଚ୍ଛୁକ, ତାହାଲେ ଜାଣି ନିୟନ୍ତୁ ଯେ ତାଙ୍କୁ ଛାଡି ଆଉ କିଛି ଆପଣଙ୍କୁ ଆନନ୍ଦ ପ୍ରଦାନ କରି ପାରିବ ନାହିଁ | ଏହି ମାୟାର ନାଶ ହୋଇଲେ ହି ଚିତ୍ତ ଗୌରମୟ ହୋଇ ପାରିବ | ଯିବ ସାଂସାରିକ ବସ୍ତୁର ଆସ୍ୱାଦନ କେବେ କରି ପାରିବ ନାହିଁ; ସେ କେବଳ ପ୍ରେମରସ - ଭଗବଦଭକ୍ତିର ଆସ୍ୱାଦନ ପାଇଁ ବରଣୀୟ | So we must know these are material things; They can never touch me. ତ ଭୌତିକ ବସ୍ତୁଙ୍କର ବ୍ୟର୍ଥତା ଜାଣି ଆମକୁ ବୁଦ୍ଧିପ୍ରୟୋଗ ଦ୍ୱାରା ସର୍ବ-ଆଶାକୁ ତ୍ୟାଗ କରିବା ଉଚିତ | ତେବେ ଆମର ହୃଦୟ ସତ୍ୟ-ପରିମାଣରେ ଗୌରମୟ ହେବ | ଅନ୍ୟଥା :

**ବହୁ ଜନ୍ମେ ଯଦି କରେ ଶ୍ରବଣ କୀର୍ତନ |**
**ତବୁ ତ ନା ପାଏ କୃଷ୍ଣପଦେ ପ୍ରେମଧନ || (ଚୈତନ୍ୟ ଚରିତାମୃତ ଆଦିଲୀଳା ୮. ୧୬)**

ଅନ୍ୟଥା ଯଦି ଆମେ ଏହି ଭାବରେ ଜପ, କୀର୍ତନ କରୁ ଥିବା ତ ଆମକୁ ସିଦ୍ଧି ପାଇଁ ସହସ୍ର ବର୍ଷ ଲାଗିବ...କିନ୍ତୁ ତତପଶ୍ଚାତ ବି ହୃଦୟ ଗୌରମୟ ହୋଇବ ନାହିଁ | ଆମକୁ ଆରମ୍ଭ ଠିକ ଭାବରେ କରିବାର ଅଛି..ଆରମ୍ଭ କଣ? ଆରମ୍ଭ ଏହା ଯେ ଆମକୁ କେଉଁ ବସ୍ତୁ ବା ମନୁଷ୍ୟରୁ ସୁଖର ଆଶା କରିବାର ନାହିଁ! ଯେମିତି ଆମେ ଆପଣଙ୍କୁ ମହାପ୍ରଭୁଙ୍କର ଗତିଭଙ୍ଗିମା ବିଷୟରେ କହିଲେ...ତାଙ୍କର ଭାବ ପରିବର୍ତନ ସାଙ୍ଗରେ ରୂପପରିବର୍ତନ ବି ହୁଏ | ଆଉ ଯେଉଁ ଭକ୍ତ ଆବିଷ୍ଟ ଚିତ୍ତ ହୁଅନ୍ତି ସେମାନେ ପ୍ରତ୍ୟେକ ଛଟାର ପାନ କରନ୍ତି | ଏକ ଛଟାର ପ୍ରଭାବ ଏତେ ଯେ ଯିବ ବୁଡି ଯିବ, ଏହିଠି ତ ପ୍ରତ୍ୟେକ କ୍ଷଣ ରୂପଛଟା ପରିବର୍ତିତ ହେଉଛି | ଆମକୁ ନିଜ ମନ କେନ୍ଦ୍ରିତ କରି ତାଙ୍କର କେବଳ ଗୋଟିଏ ଛବିରେ ଧାରଣା କରି ରୁପାମୃତର ପାନ କରିବାର ଅଛି | ଏହି ଅଧ୍ୟାତ୍ମର କୁଂଜୀ | ମନକୁ ସବୁ ଦିଗରୁ ନିବୃତ କରି କେବଳ ଏକ ସ୍ଥାନରେ ପ୍ରତିସ୍ଥାପନ କରିବାକୁ ପଡିବ | ଯଦି ଏହା ହୋଇ ଗଲା ତ ସବୁ କାର୍ଯ୍ୟ ସଧି ଗଲା | ଯେମିତି ଗୌରାଙ୍ଗ ମହାପ୍ରଭୁଙ୍କର ନୃତ୍ୟ...ଯେବେ ମହାପ୍ରଭୁ ଦର୍ଶନ କରନ୍ତି ଶ୍ରୀକୃଷ୍ଣଙ୍କ ବିଗ୍ରହର ତ ସେ ନିଜ ପଦ୍ମଲୋଚନରେ ଭଗବାନଙ୍କର ମୁଖାରବିନ୍ଦର ଦର୍ଶନ କରନ୍ତି |

**ମଧୁର ମଧୁର ଗୌରକିଶୋର, ମଧୁର ମଧୁର ନାଚ,**

ମଧୁର ମଧୁର ସବୁ ସହଚର, ମଧୁର ମଧୁର ହାଟ |
ମଧୁର ମଧୁର ମୃଦଙ୍ଗ ବାଜାତ, ମଧୁର ମଧୁର ତାନ |
ମଧୁର ହେଲନ ମଧୁର ଦୋଳନ,
ମଧୁର ମଧୁର ଗତି ||
ମଧୁର ମଧୁର ମଧୁର ମଧୁର ଗୌରା... ଆହା ଗୌରା ପ୍ରାଣ ଗୌରା!

ମହାପ୍ରଭୁ ଯେବେ ରାଧାଭାବରେ ଉନ୍ମତ୍ତ ହୁଅନ୍ତି...ଆମେ ଆପଣଙ୍କୁ ଭିନ୍ନ-ଭିନ୍ନ ପ୍ରକାରରେ କହୁଛନ୍ତି ଯେ ମନ ଗୌରମୟ କେମିତି ହୋଇବ ...ମଧୁର ହେଲନ-ମଧୁର ଦୋଳନ...ଯେବେ ସେ ଶ୍ରୀବିଗ୍ରହର ଦର୍ଶନ କରନ୍ତି ତ ନିଜ ପଦ୍ମନେତ୍ରରେ ତାଙ୍କ ମୁଖକମଳର ପାନ କରନ୍ତି | ଆଉ ଯେଉଁ ମୁହୂର୍ତ୍ତ ଦର୍ଶନ କରନ୍ତି...ତ ତାଙ୍କର ପଲକ ବି ପଡେ ନାହିଁ | ନିରନ୍ତର ଅପଲକ ଦର୍ଶନ କରନ୍ତି | ଆଉ ଦର୍ଶନ ସାଙ୍ଗରେ ମହାପ୍ରଭୁ ସ୍ତବ କରନ୍ତି | ତାଙ୍କର ବିସ୍ତୃତ ନେତ୍ର ନିଜ ଭାବ-ଅଶ୍ରୁକୁ ଆଉ ରୋକି ପାରନ୍ତି ନାହିଁ...ଝରି ଯାଉଛି ପ୍ରେମାଶ୍ରୁ! ଧାରା ବହି ଯାଏ! ଏହି ପ୍ରକାର ଆମର ଦର୍ଶନ ହୁଏ | ଆମକୁ ଜଣା ହେବା ଦରକାର ଯେ ଆମେ ତାଙ୍କର କେଉଁ ଛବିର ଧ୍ୟାନ କରିବା ଠିକ | ଏହି ଛବିରେ ଧ୍ୟାନ କରିବାର ଅଛି | ପଦ୍ମନେତ୍ରରୁ ମୁଖକମଳର ପାନ! ଯେବେ ମହାପ୍ରଭୁ ରାଧାଭାବରେ ହୁଅନ୍ତି ତ ବହୁତ ଥର ତାଙ୍କୁ ଏମିତି ଲାଗେ ଯେ କୃଷ୍ଣଙ୍କର ଐଶ୍ୱର୍ଯ୍ୟ ତାଙ୍କୁ ବୃନ୍ଦାବନ ଆଡୁ ଟାଣୁଛି...ଯେମିତି ରଥଯାତ୍ରାରେ ଠାକୁରଙ୍କୁ ବୃନ୍ଦାବନ ନିଆଁ ଯାଏ...ସେ କୁହନ୍ତି ଯେ "ଆପଣ ଏମାନଙ୍କ ସାଙ୍ଗରେ କାହିଁକି ଅଛ? ଐଶ୍ୱର୍ଯ୍ୟ ସାଙ୍ଗରେ? କୃପୟା ବୃନ୍ଦାବନ ଚାଲନ୍ତୁ..ସେହିଠି ଆନନ୍ଦ ହୋଇବ!" ନିରୁପାୟଭାବରେ ସେ ଭାବନ୍ତି - "ହା! ମୁଁ କୋଉଠି ଫସିଗଲି!" ସେ ଗୌର କିଶୋରୀଙ୍କର ଆବେଶରେ ଆସିଯାଆନ୍ତି |ଗୌର କିଶୋର ରୁହନ୍ତି ନାହିଁ, ସେ କିଶୋରୀ ହୋଇ ଯାଆନ୍ତି | ତାଙ୍କର ମୁଖାକୃତି ବି କିଶୋରୀ ଭଳିଆ ହୋଇ ଯାଏ | ଆମକୁ ତତଉପରାନ୍ତ କିଶୋରୀ ଛବିର ପାନ ହୁଏ | ସେ ଭାବନ୍ତି - "ମୁଁ ରାସ୍ତାବିହୀନ, କଣ କରିବି ମୁଁ? କେଉଁ ଦୁର୍ଭାଗ୍ୟରୁ ମୁଁ ସମସ୍ତଙ୍କ ମଧ୍ୟରେ ଫସି ଯାଇଛି!" ମହାପ୍ରଭୁ ପୀଡାଗ୍ରସ୍ତ ହୋଇ ନିରୁପାୟ ଭାବରେ ତଳେ ବସି ପଡନ୍ତି | ପୁଣି ପୁନଃ-ପୁନଃ ତାଙ୍କ ପାଦର ଆଙ୍ଗୁଠିରୁ ସେ ଶ୍ରୀକୃଷ୍ଣଙ୍କର ତ୍ରିଭଙ୍ଗଲଳିତ ରୂପର ଆକୃତି ଗଢନ୍ତି | ଆଙ୍କୁଛନ୍ତି ଆଉ ନେତ୍ରରୁ ଅଶ୍ରୁ ବହୁଛି...ସେ ଜଳ ଆକୃତିରେ ପଡି ତାକୁ ଆଦୃଶ୍ୟତା ପ୍ରଦାନ କରୁଛି | ପୁନଃ-ପୁନଃ ତ୍ରିଭଙ୍ଗ ରୂପର ଆକୃତି ଗଢୁଛନ୍ତି ଆଉ ନିଜ ମନୋଦଶାକୁ ବି ଲେଖନ୍ତି...ସତତ ଲେଖୁଛନ୍ତି...ଆଉ ଲେଖି-ଲେଖି ଆଙ୍ଗୁଳିରେ ଘା ହୋଇ ଯାଏ...ତ ସ୍ୱରୂପ ଦାମୋଦର ତାଙ୍କୁ ଚେତାନ୍ତି | ମହାପ୍ରଭୁ ଏ ସବୁ ବି କରନ୍ତି..ଏହାର ଆମକୁ ଧ୍ୟାନ କରିବା ଦରକାର | ଆମକୁ ଦର୍ଶନ କରିବାର ଅଛି ଯେ ମହାପ୍ରଭୁ ଆଙ୍ଗୁଳିରେ କିଛି ଲେଖୁଛନ୍ତି ଆଉର ନୟନାଶ୍ରୁ ଆକୃତିକୁ ଧୋଇ ଦିଏ..ଆଉ ମନଭାବକୁ ଲେଖି ଅଭିବ୍ୟକ୍ତ କରିବାର ଚେଷ୍ଟା କରୁଛନ୍ତି କିନ୍ତୁ ସେହି ସବୁ ତ ଧୋଇ ଯାଉଛି! ତାଙ୍କ ନଖତଳେ ସ୍ୱରୂପ ଦାମୋଦର ନିଜ ହସ୍ତ ରଖି ଦିୟନ୍ତି | ସେ କୁହନ୍ତି- "ଆପଣଙ୍କୁ ଯାହା ଲେଖିବାର ଇଛା ମୋ ହାଥରେ ଲେଖନ୍ତୁ.." କେତେ ପ୍ରେମ! ଆମକୁ ଏହି ଭାବରେ ଧ୍ୟାନ କରିବାକୁ ପଡିବ | ସେ ଗୋଟିଏ ଜାଗା ଛାଡି ଅନ୍ୟତ୍ର ଚିତ୍ର ଆଙ୍କୁଛନ୍ତି...ସେତେବେଳେ ସେ ଗୌର କିଶୋରୀ ଅବସ୍ଥାରେ ଅଛନ୍ତି | ଆଉ ମହାପ୍ରଭୁ ଯେବେ ଜଗନ୍ନାଥଙ୍କ ଦର୍ଶନ କରନ୍ତି ସେ ସଜଳ ଆଉ ଲଜ୍ଜାସହିତ କରନ୍ତି | ସଜଳ ଆଉର ସଲାଜ! ସଜଳ ମାନେ ନେତ୍ରରୁ ଅଶ୍ରୁଧାରା ବର୍ଷା ହେଉଛି...ଆଉ ଲାଜ ମାନେ ଲଜ୍ଜାପୁର୍ଣ୍ଣ! ଆରେ! ଯେବେ ସ୍ତ୍ରୀ ନିଜ ସ୍ୱାମୀକୁ ଦେଖି ଥାଏ ତ ସେ ଲଜ୍ଜାରୁ ଭରି ଯାଏ...ମହାପ୍ରଭୁ ତ ଲଜ୍ଜେଶ୍ୱରୀଙ୍କର ଭାବରେ ଅଛନ୍ତି! ସାକ୍ଷାତ କୃଷ୍ଣ ଉପସ୍ଥିତ ଅଛନ୍ତି ତ କଣ ତାଙ୍କୁ ଲଜ୍ଜା ଆସିବ ନାହିଁ? ଏମିତିକା ଦର୍ଶନ ହୋଏ | ଆଉ ଗୌରାଚାନ୍ଦ କୁହନ୍ତି - "ହେ ପ୍ରଭୁ ଜଗନ୍ନାଥ!..." | ଏହା କେବଳ ସାମାନ୍ୟ ଭକ୍ତଙ୍କ ଭାନ୍ତି ଦେବଦର୍ଶନ ନୁହେଁ, ଏହା ବହୁତ ଭିନ୍ନ, ଉତ୍ତମସ୍ତରର ଦର୍ଶନ! We have to medidate on Lord Gauranga this way when He is having *darshan*. It's *Sajal* which means tears in His eyes. And *Salaaj* means full of shyness…As a young girl sees her beloved…her natural shyness is there…how can she ever see him straight on the

face? So shyness comes. So whenever He is having *darshan* of Jagannath – *Sajal* and *Salaj*! With tons of shyness and torrents of tears! This is the way Gaurang has *darshan* of Jagannath. ସଜଳ ଆଉ ସଲାଜ ! ତ ଆମକୁ ଭାବନା କରିବାର ଅଛି ଯେ ମହାପ୍ରଭୁ ଏହି ଭାବରେ ଶ୍ରୀଜଗନ୍ନାଥଙ୍କର ଦର୍ଶନ କରୁଛନ୍ତି ! ଆଉ ମୁଁ ତାଙ୍କ ସାଙ୍ଗରେ ଛିଡା ହୋଇଛି ଆଉ ତାଙ୍କୁ ପଙ୍ଖା କରୁଛି ବା ଅନ୍ୟ ଉପଯୁକ୍ତ ସେବା ପ୍ରଦାନ କରୁଛି | ତାଙ୍କର ସ୍ବେଦକଣିକାକୁ ପରିଷ୍କାର କରୁଛି | ସେ ସଜଳ ଆଉ ଶଲାଜ ଅଟନ୍ତି..ପୁଣି ଆଭାସ ହେଉଛି ଯେ ସେ କିଛି କହୁଛନ୍ତି...କୃଷ୍ଣ ସମକ୍ଷ ଅଛନ୍ତି ତ ବାର୍ତ୍ତା ହୋଇବ...ସାମାନ୍ୟ ଭକ୍ତ ସାଙ୍ଗରେ ଭଗବାନ ବାର୍ତ୍ତା କରି ଥାନ୍ତି, କଣ ମହାପ୍ରଭୁଙ୍କ ସାଙ୍ଗରେ କଥା କରିବେ ନାହିଁ? ଗୌରକିଶୋରୀ ସହିତ ବାର୍ତ୍ତା କରିବେ | ସାମାନ୍ୟ ଲୋକ ପ୍ରଭୁଙ୍କର ବାର୍ତ୍ତା ଶୁଣି ପାରନ୍ତି ନାହିଁ, କିନ୍ତୁ ଆମକୁ ନିଶ୍ଚୟ ଯେ ସେ ବାର୍ତା କରୁଛନ୍ତି ନିଜ ସ୍ଵାମୀ ସାଙ୍ଗରେ! ଏମିତି ଦର୍ଶନ ଚାଲୁଚି - ସଜଳ ଆଉ ଶଲାଜ | ଘଟଣା ସଭି ବୁଝି ପାରୁଛନ୍ତି କିନ୍ତୁ ବାର୍ତ୍ତା ନୁହେଁ | ବାର୍ତ୍ତା ବିସ୍ତାର କରିବାରେ ସବି ଅସମର୍ଥ | ଆଉ, ମହାପ୍ରଭୁଙ୍କର ମନ ଜଗନ୍ନାଥରେ ଆବିଶ୍ଵ ଅଛି ଆଉ ସଭିଙ୍କ ମନ ପ୍ରଭୁରେ ଆବିଶ୍ଵତଃ | Lord Gauranga is absorbed in Jagannath's *darshan* and everyone is absorbing Gaurang's *darshan*. When Gaurang is doing *darshan* everyone is absorbed in Him. ଯେବେ ଦର୍ଶନ କରୁଛନ୍ତି ତେବେ ପ୍ରତ୍ୟେକ ଅଙ୍ଗରେ ପୁଳାକବଳି ହୋଇ ଯାଏ! ସଜଳ, ଶଲାଜ | ବାର୍ତ୍ତା ମଧ୍ୟେ ଶରୀର ପୁଲକିତ ହୋଇ ଯାଏ | ଏହି ପ୍ରକାରରେ ଦର୍ଶନ ହୁଏ, ଆଉ ଆମେ ସମସ୍ତେ ଏହାକୁ ପାନ କରନ୍ତି | ଏବେ ଭାବନ୍ତୁ ଯେ ଲଜ୍ଜା ଆସିଗଲା...କେବେ କେବେ ତାଙ୍କ ଆଖି ଶ୍ରୀଜଗନ୍ନାଥଙ୍କୁ ସିଧା ଦେଖନ୍ତି, ତ ସେ ଲଜ୍ଜାରୁ ଭରି ଉଠି ପଡନ୍ତି | ଲଜ୍ଜା ଆସିବ ନାହିଁ? ରାଧାରାଣୀଙ୍କ ସମକ୍ଷେ ଏହିମିତି ଆସି ଯିବେ, କଣ ସେ ଦେଖି ପାରିବେ? ଲଜ୍ଜା ଆସିଯାଏ | ଗୌରକିଶୋର ଏହି ଲାଗି ମୁଖ ଚୂପେୟୀ ଦିୟନ୍ତି ଆଉ ଲଜ୍ଜାବଶ ପଛକୁ ଚାଲି ଯାନ୍ତି | ମଧ୍ୟାନଲୀଳାରେ ବି..ଘୁଂଘଟ କରି ରାଧାରାଣୀ ନିଜ ଶାଶୁଘର ଯାନ୍ତି, ଶ୍ରୀକୃଷ୍ଣ ସାଙ୍ଗରେ ଭେଟ ହେବା ପାଇଁ...ରଧାକୁଣ୍ଡ..ସେହି ପ୍ରକାର ଏହିଠି ବି ଲଜ୍ଜା ଆସୁଛି | ଯେବେ ନୟନ ସାଙ୍ଗରେ ନୟନ ମିଳନ୍ତି ତ ନେତ୍ର ବନ୍ଦ କରି ପଛକୁ ଘୁଂଚି ଯାନ୍ତି | ଆଉ ଯେବେ ସାଙ୍ଗରେ ସ୍ଵରୂପ ଦାମୋଦର ଆଉ ରମାନନ୍ଦରାୟକୁ ଦେଖନ୍ତି ତ ତାଙ୍କୁ ଲାଗେ ଯେ ଲଳିତା ଆଉ ବିଶାଖା ଅଛନ୍ତି ଆଉ ସେ ନିଜେ ରାଧା...ତାଙ୍କୁ କେବେ ବି ଲାଗେ ନା ଯେ ସେ ରାଧାଭାବରେ ଗୌର ଅଟନ୍ତି | ମୁଁ ରାଧା, ଆଉ ଏମାନେ ଲଳିତା- ବିଶାଖା | ଯଦି ଆମେ ମହାପ୍ରଭୁଙ୍କର ଏହି ଭାବର ଦର୍ଶନ କରିବାକୁ ଇଛୁକ ତ ଆମକୁ ବୁଝିବାକୁ ପଡିବ ଯେ ମାନସୀ, ବ୍ରାୟାନ କିମ୍ବା ରୋଜି ମହାପ୍ରଭୁଙ୍କ ଦର୍ଶନ ଇଛୁକ...ନା! ମୁଁ, ମୁଁ...ମୁଁ ତାଙ୍କ ଦର୍ଶନର ଅଭିଳାଷି! In fact, if you really want to do *darshan* of Lord Gauranga, you've to be totally devoid of any sort of your bodily identification. ଗୌରାଙ୍ଗପ୍ରଭୁଙ୍କର ଦର୍ଶନ ପାଇଁ ଆପଣଙ୍କୁ ଦେହ-ଅଭିମାନକୁ ତ୍ୟାଗ କରିବାକୁ ପଡିବ | ଭାବର ସ୍ଥରରେ ଆପଣ ଦେହାଭିଜ୍ଞାନରୁ ପୂର୍ଣ ମୁକ୍ତ ହୋଇ ଯାନ୍ତି | It's not that Bryan wants to see Lord Gauranga; What has Bryan to do with Lord Gauranga? Nothing! ବ୍ରାୟାନକୁ ଗୌରାଙ୍ଗପ୍ରଭୁଙ୍କ ସାଙ୍ଗରେ କିଛି କାମ ନାହିଁ! କାହାକୁ ଗୌର ସାଙ୍ଗରେ କାମ? କେବଳ ଗୌରପାର୍ଷଦମାନଙ୍କୁ! Only the Associates of Gaur! So when you truly want to see Lord Gauranga, it's actually me as an associate of Gaur. ଯଦି ମୁଁ ଗୌର ଦର୍ଶନ ପାଇଁ ନିତ୍ୟ ପିପାସୁ ତ ମୋତେ ଗୌର ପାର୍ଷଦ ହେବାକୁ ପଡିବ | କିଏ ଗୌରାଙ୍ଗପ୍ରଭୁଙ୍କ ପାଇଁ ଉନ୍ମତ୍ତ ହୋଇ ଥାଏ? କେଉଁ ବ୍ରାୟାନ, ଅମିତ କିମ୍ବା ସୁମିତ ନୁହେଁ | ଏମାନଙ୍କମଧ୍ୟରେ କେହି ବି ଉନ୍ମତ୍ତ ନୁହଁନ୍ତି | କିନ୍ତୁ ଗୌରପାର୍ଷଦ ଆନନ୍ଦରେ ପାଗଳ ହୋଇ ପାରିବେ | ସେହିଥିଲାଗି ଆମକୁ ନିଜ ହୃଦୟର ଚେତନା ଗୌରପାର୍ଷଦଙ୍କର ହୃଦୟ ଭାଂତି ଗଢିବାକୁ ପଡିବ | ତେବେ ଆମେ ଗୌରାଙ୍ଗପ୍ରଭୁଙ୍କର ଦର୍ଶନ ଯୋଗ୍ୟ ହେବା..ଆଉ ଆମେ ଏହାର ଇଛା କରିବା | ଭୌତିକ ଜଗତରେ ଥିବା ମନୁଷ୍ୟ ଗୌରାଙ୍ଗ ପ୍ରଭୁଙ୍କୁ ଦେଖିବା ପାଇଁ ଲାଳାୟିତ କାହିଁକି ହୋଇବ? କିଛି କାରଣ ନାହିଁ | ଯଦି ଆମେ ନିତ୍ୟସିଦ୍ଧପାର୍ଷଦଙ୍କ ଭଳିଆ ନିଜ ହୃଦୟକୁ ବନେଇଦେବା ତାହାଲେ ହି ଆମେ ଗୌରରୂପର ଦର୍ଶନ କରିବାର ଇଛା ପାଇଁ ଯୋଗ୍ୟ ହୋଇବେ! ଉଦାହରଣତଃ - କୋଡିଏ ବର୍ଷ ପୁର୍ବୁରୁ ଭାରତରେ, ଟିଭି ପାଇଁ

ଛାତ ଉପରେ ଏଂଟିନା ଥିଲା ଯାହାକୁ ବିଶେଷ ଆବୃତ୍ତି (frequency) ରଖି ହି ଟିଭି ଦେଖା ହୋଉ ଥିଲା | ଯଦି ଆବୃତ୍ତିକୁ ଠିକ ଭାବରେ ନ ଗ୍ରହଣ କରା ଯାଏ, ଟିବିରେ କିଛି ଦେଖା ଯାଏ ନା | ସେହି ପ୍ରକାରରେ ଯଦି ଆମର ହୃଦୟରେ ଆବୃତ୍ତି ଗୌରପାର୍ଷଦଙ୍କ ହୃଦୟ ଆବୃତ୍ତି ସାଙ୍ଗେ ନ ମିଳେ, କିଛି ବି ଦୃଶ୍ୟମାନ ହେବ ନାହିଁ | ଯଦି ଆପଣ ଇଛା ରଖନ୍ତି ବି, ତେବେ ବି ଆପଣ ଦର୍ଶନ କରି ପାରିବେ ନାହିଁ | ଯେବେ ଆମେ ଗୌରାଙ୍ଗଙ୍କୁ ଦେଖିବା ଚାହାନ୍ତି, ଆମେ ସେହିଠି ଅନୁପସ୍ଥିତ...ତାହାଲେ କିଏ ଉପସ୍ଥିତ?ଗୌରାଙ୍ଗ ମହାପ୍ରଭୁଙ୍କର ଶୁଦ୍ଧଭକ୍ତ ଯେ ଜାଣେ ନା ଯେ ସେ (ଭୌତିକି ରୂପରେ) କିଏ ! ସେ କେବଳ ଗୌରାଙ୍ଗପ୍ରଭୁଙ୍କ ପ୍ରେମବିବଶତାର ଉନ୍ମାଦିତ! ତାହାର ଦେହାଭାସ ପୂର୍ଣରୂପେଣ ଲୋପ ହୋଇ ଯାଇଛି! No sort of identification he has. He is just absorbed in the service of Lord Gaura. That’s all! He doesn’t know who he is. ଯଦି ଆମେ କୁହନ୍ତି ଯେ ବ୍ରାୟାନ ଦେଖିବାକୁ ଚାହାନ୍ତି, ତାହାଲେ ଏହା ଅସମ୍ଭବ | Just like Chetan and Amit have nothing to do here. ଆପଣଙ୍କୁ ଆଉ ଏକ ଉଦାହରଣ ଦେଉଛି- ଲୋକମାନେ ଚାରେ ଶର୍କରାରହିତ ଗୁଳି ଡାଲାନ୍ତି | ସେମିତି ଆମକୁ ଆସ୍ୱାଦନ ପାଇଁ ବ୍ରାୟାନ ରହିତ ହେବାର ଅଛି | You know? It has to be Brayan free, it has to be Vikas free. It has to be devoid of the person whom we think we are! ଆତ୍ମଚେତନା ରହିତ ହୋଇ ଭଜନର ଆସ୍ୱାଦନ ହୁଏ | ଆମେ ନିଜକୁ ଯାହା ଭାବୁଛନ୍ତି ସେ ଆମର ବାସ୍ତବ ସ୍ୱରୂପ ନୁହେଁ | ଆମେ ସେ ନୁହେଁ ଯାହାର ମୁଖ ଆମେ ଆଇନାରେ ଦେଖନ୍ତି ବା ଜନ୍ମପତ୍ରରେ ଉଲ୍ଲେଖ କରନ୍ତି | କଦାପି ନୁହେଁ ! ଯେମିତି ଆପଣ ଚେତନ କିମ୍ବା ଅମିତ ନୁହନ୍ତି, ସେମିତି ଆପଣ ବ୍ରାୟାନ ବି ନୁହନ୍ତି | ଆପଣ ନା ଚେତନର ଅଣୁଅଂଶ ନା ଆପଣ ଅମିତର | Not an iota! ଏବେ ଆପଣ ବ୍ରାୟାନର ସମୁଦ୍ରରେ ରହୁଛନ୍ତି କିନ୍ତୁ ଆପଣ ତାର ଏକ ବୁନ୍ଦେ ବି ନୁହନ୍ତି | Not even a drop! And we think that I’m an oceanic Brayan or oceanic Vikas or oceanic Chetan. We are not even a drop of the person we think we are. ଆଉ ଯେବେ ଆମେ ଗୌରପ୍ରଭୁଙ୍କୁ ଦେଖନ୍ତି ଆମକୁ ଜଣା ନ ଥାଏ ଯେ ଆମେ କିଏ! ପୁର୍ଣ ପାଗଳତା ! ଗୌରାଙ୍ଗ ମହାପ୍ରଭୁଙ୍କ ପ୍ରେମରସରେ! ଆଉ ଏହି ସତ୍ୟରେ କେନ୍ଦ୍ରିତ ହୁଅନ୍ତୁ ଯେ...କେମିତି ଏକ ଜୀବ ଗୌରପ୍ରଭୁଙ୍କ ସେବା କରି ପାରିବ ବା ତାଙ୍କର ରୁପସୁଧାର ପାନ କରି ପାରିବ? କେମିତି ପ୍ରାପ୍ତ ହୋଇବ? କେବଳ ଏକ ଉପାୟ ଅଛି - ଏକ ବିଶେଷ ଭାବରେ ନିଜକୁ ନିମଜ୍ଜିତ କରିବାକୁ ପଡିବ...ବାରହ ବର୍ଷୀୟ ବ୍ରାହ୍ମଣର ଭାବରେ | ମୋତେ ଏହି ବିଶ୍ୱାସ ହେବା ଦରକାର ଯେ ମୁଁ ଅନେକାନେକ ବ୍ୟକ୍ତିଙ୍କ ପ୍ରତିବିମ୍ବ ନୁହେଁ ପରନ୍ତୁ ମୁଁ କେବଳ ଏକ ବାରହ ବର୍ଷୀୟ ବ୍ରାହ୍ମଣ ତରୁଣ ଯେ ପ୍ରଭୁଙ୍କର ଭାବରେ ତନ୍ମୟ | ଗୌରମୟ! ସକଳି ଗୌରମୟ! ଆମକୁ କେବଳ ଏହି ଭାବିବା ଦରକାର ଯେ ମୁଁ ବାରହ ବର୍ଷୀୟ ବ୍ରାହ୍ମଣ ବାଳକ ଅଟେ | ଆଉ କେବଳ ଏହି ଭାବର ବ୍ୟକ୍ତି ଗୌରରୁପମାଧୁରୀର ଆସ୍ୱାଦନ କରି ପାରିବ | ଅମିତ, ମାନସୀ, ନେହାକୁ କଣ ଦରକାର? ଏହାଙ୍କୁ କିଛି ମତଲବ ନୁହେଁ | ଗୌରପାର୍ଷଦ ବ୍ରାହ୍ମଣବାଳକଙ୍କ ହୃଦୟତଂତ୍ରୀ ସହିତ ଆମର ସାୟୁଜ୍ୟ ହେଲେ ହି ଆମେ ଗୌରଦର୍ଶନାଧିକାରୀ ହୋଇ ପାରିବା| ବାରହ ବର୍ଷୀୟ ବାଳକର ଭାବରେ ହି ଦର୍ଶନ ସମ୍ଭବ | ଗୌରପ୍ରଭୁଙ୍କ ଅନ୍ୟ ପାର୍ଷଦ ବି ଅଟନ୍ତି - ସଚିମାତା, ଲକ୍ଷ୍ମୀପ୍ରିୟା - ତାଙ୍କ ଭାବରେ ଆମକୁ ଦର୍ଶନ ହୋଇବ ନାହିଁ | ଆମକୁ ଆମର ଗୁରୁ-ପରମ୍ପରାରୁ ଯେଉଁ ଭାବ ପ୍ରାପ୍ତ ହୋଇଛି, ସେହି ଭାବ ଦ୍ୱାରା ଦର୍ଶନ ପ୍ରାପ୍ତ ହୋଇବ | ଆମେ କୁହନ୍ତି ଯେ ଆମେ ଗଉରଙ୍ଗଙ୍କ ଦର୍ଶନ କରିବାକୁ ଚାହାନ୍ତି - ଏହି କଥା ପୁରା ବ୍ୟର୍ଥ ଅଟେ | ଆମକୁ ଜଣା ହି ନାହିଁ ଯେ ଆମେ ନିଜେ କିଏ | ଯାହାକୁ ଆମେ ଆମର ସ୍ୱରୂପ କୁହନ୍ତି ସେ ତ ଦର୍ଶନ କରିବାର ଇଛୁକ ନୁହେଁ | ଆପଣ କଣ ଚାହାନ୍ତି ଯେ ନେହାକୁ ଦର୍ଶନ ପ୍ରାପ୍ତ ହେଉ? କାହିଁକି? ନେହାର କଣ ସମ୍ବନ୍ଧ ତାଙ୍କ ସାଙ୍ଗରେ? ଯଦି ମହିନ୍ଦ୍ର କିମ୍ବା ବ୍ରାୟାନକୁ ଦର୍ଶନ ହେଲା ବି ତ ଆପଣଙ୍କ ତାଙ୍କ ସାଙ୍ଗ କି କାମ? ବ୍ରାୟାନକୁ ଦର୍ଶନ ପ୍ରାପ୍ତ ହୋଇ ପରେ, କିନ୍ତୁ ଆପଣ ବ୍ରାୟାନ ନୁହନ୍ତି | ଆପଣଙ୍କର କଣ ଲାଭ ହେଲା? ଆପଣଙ୍କୁ ଗୌରାଙ୍ଗଦର୍ଶନ ମିଳିଲା, ସେ ତ ଅପ୍ରାସାଙ୍ଗିକ, କିନ୍ତୁ ଯଦି ସଚିନକୁ ଦର୍ଶନ ହୁଏ ତ ସେ ଭିନ୍ନ କଥା | ଆପଣ ସଚିନ ନୁହନ୍ତି! Why do we want Brayan to get *darshan*? No!

ମୁଁ ଦର୍ଶନ ପାଇଁ ଲାଳାୟିତ! I want *darshan*! And I'm not Brayan, not even an iota of him. So even Brayan gets *darshan*, it has nothing to do with me. କିଛି ବି ନୁହେଁ ! Just like I've nothing to do with Brajnath, or Madhusudan, similarly nothing to do with this person whom you think you are. Absolutely nothing. We want to do *darshan* of the Lord and we don't know who are, who wants to do *darshan*! ଆମକୁ ଭଗବାନଙ୍କର ଦର୍ଶନ କରିବାର ଇଛା କିନ୍ତୁ ଆମେ ଜାଣି ନାହାନ୍ତି ଯେ ଆମେ ନିଜେ କିଏ! କିଏ ଗୌରଦର୍ଶନ ପାଇଁ ଇଛୁକ? Who I truly am, who is thirsty for having *darshan* of Lord Gauranga. I think me; I want to! ଆଛା, କଣ ଆପଣ ଏହି ଦୁଇ ଆଖି? କଣ ଆପଣ ଏହି ଶରୀର, କିମ୍ବା କେଉଁ ମଣିଷ? ହା ! କଣ ଆପଣ ମନୁଷ୍ୟ? ମନୁଷ୍ୟ ଗୌରାଙ୍ଗପ୍ରଭୁଙ୍କ ଦର୍ଶନ କରିବା କୁ ଚାହେ? ନା! ଆପଣ, ଆପଣ, ଅନାବୃତ ଆପଣ! ଅପ୍ରତିଭୂତ ଆପଣ, ଅପ୍ରତିଭୂତ ଆତ୍ମା! Naked soul! The true, true you! The naked soul. That entity wants to have *darshan* of Lord Gauranga. ସେହି ଜୀବାତ୍ମା ଗୌରଦର୍ଶନର ବାଞ୍ଛା କରି ଥାଏ | ଆଉ ଆମର ଗୁରୁ ମହାରାଜ, ଶ୍ରୀଲ ଅନନ୍ତଦାସ ବାବାଜୀ ନିଜ ଗ୍ରଂଥରେ କୁହନ୍ତି ଯେ - **ଭଗବଦଲାଳସା ଆତ୍ମାରେ ଉପଜେ** | ମୋ ଭିତରେ ଲାଳସା ଆସି ଥାଏ ଗୌରାଙ୍ଗ ମହାପ୍ରଭୁଙ୍କ ଦର୍ଶନ ପାଇଁ | ନା ମନରେ ନା ବୁଦ୍ଧିରେ, **ମୋ ଭିତରେ!** ଆତ୍ମାରେ ଭଗବଦ-ଦର୍ଶନର ଲୋଭ ଉତ୍ପନ୍ନ ହୋଇ ଥାଏ | Greed arises in the soul to attain the *darshan* of Lord Gauranga, not in the body or mind. ଶରୀର ଆଉ ମନରେ କେବଳ ତାର ପ୍ରତିବିମ୍ବ ଆସେ | କିନ୍ତୁ ଲୋଭ ଆତ୍ମାର ବୈଶିଷ୍ଟ୍ୟ | Not in the body or mind; They are matter. ମନ ଆଉ ବୁଦ୍ଧି ଜଡ଼ବସ୍ତୁ ଅଟନ୍ତି | ଲୋଭ ଆତ୍ମାରେ ଆସେ, ଜଡ଼ବସ୍ତୁରେ ନୁହେଁ | ଦର୍ଶନ ଲାଳସା ଆତ୍ମାରେ ଆସେ ଆଉ ତାର ପ୍ରତିଛାୟା ମନ ଆଉ ବୁଦ୍ଧିରେ ଦିଶେ | ଆଉ ଦର୍ଶନର କାମନା କେଉଁ ସ୍ୱତନ୍ତ୍ରସୁଖ ପାଇଁ ହୁଏ ନାହିଁ..ଯେ ମୋତେ ଦର୍ଶନ କରିବାର ଅଛି, ସେ କଉଠି? ବାସ, ଦର୍ଶନ କରିବାର ଅଛି! ଏହି ତ ସେହି କଥା ଯେ ସଂସାରରେ ଗାଡି, ଘର, ପଇସା ସବୁ ଅଛି...ଚାଲ ଦର୍ଶନ ବି କରି ନେବା | ଏଥିରେ ପଛେ କାହିଁକି ରହିବା? ବୁଝୁଛନ୍ତି? କେତେ ଅହଂକାର ଦେଖୁଛନ୍ତି? ଏହାକୁ ଦମ୍ଭ କୁହନ୍ତି, ଅହଂକାର! ମୂଢାତ୍ମା!

**ପ୍ରକୃତେଃ କ୍ରିୟମାନାନି ଗୁନୈ କରମାଣି ସର୍ବଶଃ |**
**ଅହଂକାର ବିମୂଢାତ୍ମା କର୍ତାହଂ ଇତି ମନ୍ୟତେ || (ଗୀତା ୩ .୨୭ )**

"ମୁଁ ଦର୍ଶନ କରିବାକୁ ଚାହେଁ !" କାହିଁକି? ସବୁ କିଛି ଧରା-ଧାମରେ କରି ନେଲେ, ଏବେ ଦର୍ଶନ କରି ନିଜ ଅହଂକାରକୁ ଆଉରି ପୁଷ୍ଟ କରିଦେବା! ଦର୍ଶନ ବେଳେ 'ମୁଁ' ର ଅସ୍ତିତ୍ବ ହି ରହେ ନାହିଁ! ଦର୍ଶନର କାମନା ନିଜସୁଖ ପାଇଁ କରା ଯାଏ ନା, ସେ ପ୍ରକ୍ରିୟା ସେବା ଦ୍ୱାରା ତାଙ୍କୁ ସୁଖୀ କରିବା ପାଇଁ ହୁଏ | "ମୁଁ ନିଜ ସେବା ଦ୍ୱାରା ତାଙ୍କୁ ଉଲ୍ଲାସିତ କରିବାର ଚେଷ୍ଟା କରିବି |" When one is qualified to have *darshan* of Lord Gauranga, he doesn't want to have *darshan* for his own selfish ends. ସେ ସ୍ୱାର୍ଥୀ ନୁହେଁ! ସେ ଦର୍ଶନଦେବା ଦ୍ୱାରା ଗୌରପ୍ରଭୁଙ୍କୁ ସୁଖୀ କରିବା ଚାହେଁ | He wants to please Lord Gauranga, that's why he is having *darshan*. Only then will he be able to serve. ସେହି ସ୍ଥିତିରେ ହି ସେ ସେବା-ପାରାୟଣ ହୋଇ ପାରିବ |ଅନ୍ୟଥା ନୁହେଁ ...ଯେ "ତୁମେ ବହୁତ ସୁନ୍ଦର, ମୋତେ ଟିକେ ଦେଖିବାକୁ ଦିଅ"| Give me your audience, No! Not this way! ମୁଁ ଆପଣଙ୍କୁ ଆନନ୍ଦ ପ୍ରଦାନ କରିବାକୁ ଚାହେଁ, ମୁଁ ଆପଣଙ୍କର ସେବା ପାଇଁ ତତ୍ପର! ଏହି ଲାଗି ମୁଁ ଦର୍ଶନର ଇଛା ପାଳେ | କିଛି ଅନ୍ୟ ଅଭିଲାଷା ପାଇଁ ନୁହେଁ ! ଆଉ ଆପଣ ଦେଖନ୍ତୁ : ଶୟନେ ସ୍ବପନେ ଗୌରା! ଆଗେ ଗୌରା ପଛେ ଗୌରା! ତନେ ଗୌରା ମନେ ଗୌରା! ଆପଣ ସମସ୍ତେ ବୁଝୁଛନ୍ତି; ଏବେ ଏହାକୁ ଜୀବନରେ ଧାରଣ କରିବାକୁ ହି ଭଜନ କୁହା ଯାଏ | ଭଜନ! ଭଜନ

ଦ୍ୱାରା ନୂଆ ଜନ୍ମର ପ୍ରାଦୁର୍ଭାବ ହୁଏ | By *Bhajan*, a new life comes into existence. If a completely new life is absent, it is not *Bhajan*. It's not devotional service. A total new life. ଆପଣଙ୍କ ଭାଷାରେ ଏହିଟା ଗୀତା-ରହିତ ଜୀବନ କିମ୍ବା ବ୍ରାୟାନ ମୁକ୍ତ ଜୀବନ | ଏହାକୁ ନୂତନ-ଜୀବନ କୁହା ଯାଏ | ବ୍ରାୟାନ ରହିତ, ଗୀତା ରହିତ, ଅମିତ ରହିତ, ଚେତନ ରହିତ | ନିଜକୁ ଆପଣ ପୂର୍ବରେ ଯାହା ମାନୁ ଥିଲେ ତାକୁ ଏକଦମ ଭୁଲି ଯାଆନ୍ତୁ | ବୁଝୁଛନ୍ତି ତ? Devoid of that personality! The person will change. A new person comes into existence by *Bhajan*. ଭଜନ ଦ୍ୱାରା ନୂଆ ବ୍ୟକ୍ତି, ନୂଆ ଅସ୍ତିତ୍ୱ! ଆଉ ଆମେ ନିଜର ପରୀକ୍ଷା ସ୍ୱୟଂ କରନ୍ତୁ ଯେ ଆମେ ଭଜନ ଉପରାନ୍ତ କେତେ ନବୀନ ହୋଇଲେ | **ନିଜ ପରୀକ୍ଷା ସ୍ୱୟଂ କରନ୍ତୁ - ଏହା ଗୁରୁ ମହାରାଜଙ୍କର ଆଜ୍ଞା** | ଆଉ ଭଜନର ପ୍ରଭାବ ଦ୍ୱାରା ମହାପ୍ରଭୁଙ୍କର, ରାଧାରାଣୀଙ୍କର ଆହଟ ଆପଣଙ୍କୁ ନିଶ୍ଚିତ କର୍ଣଚର ହୋଇବ | ମୁଁ ସ୍ୱୟଂ କୁ ଦେଖେ- କଣ ମୁଁ କେବେ କାଂଦୁରା ବନି ଯାଏ କି? ମୋ ଖୁସିରେ କିଏ ବାଧା ଉତ୍ପନ୍ନ କରୁଛି? ତାହାଲେ ମୋର ନୂଆ ଜୀବନ ଆରମ୍ଭ ହୋଇ ନାହିଁ | ଆଉ ଯଦି ମୁଁ ନିଜ ଧନ ପଛରେ ମତ୍ତ ଅଟେ, ତେବେ ମୁଁ କେବଳ ଏକ ମୂର୍ଖ ଅଟେ | କାହିଁକି ନା :

**ଗୌରାଙ୍ଗରେ ଦ୍ୱିଟି ପଦ, ଯାହାର ଧନ ସମ୍ପଦ,**
**ସେ ଜାଣେ ଭକ୍ତିରସସାର ||**

ଗୌଡ଼ଙ୍ଗାଙ୍କର ଦ୍ୱିଟି ପାଦ...ମହାପ୍ରଭୁଙ୍କର ଚରଣକମଳ ଯାହାର ସମ୍ପଦ...କାହିଁକି ମାନିବା ତାଙ୍କ ଚରଣଙ୍କୁ ଧନ? ଆପଣ କୁହନ୍ତୁ? ଯଦି ଆମେ କେଉଁ ବସ୍ତୁକୁ ଧନ-ସମ୍ପଦ ମାନୁଛନ୍ତି, ତ ଆଙ୍କ ଚରଣସରୋଜଙ୍କୁ କାହିଁକି ସମ୍ପଦ ମାନିବା? Till the time you think that you have some earthly treasures and give it importance, why would you think that Lord Gauranga's lotus feet are my wealth? ଯଦି ଆପଣ ଭୌତିକ ଜଗତରେ କିଛି ମନୁଷ୍ୟ-ଜିନିଷକୁ ମହତ୍ତ୍ୱ ଦେବେ, ଗୌରାଙ୍ଗ ମହାପ୍ରଭୁ ଆପଣଙ୍କୁ ନିଜ ଚରଣକମଳ କାହିଁକି ଦେବେ? କୁହନ୍ତୁ? No reason. If there is importance for other things, there's no reason to have any affection for Lord Gauranga's Holy feet. "ମୁଁ ନିଜ ପିଜ୍ଜା, ଧନ ଆଉ ବାହନରୁ ସନ୍ତୁଷ୍ଟ!" **ଗୌରାଙ୍ଗରେ ଦ୍ୱିଟି ପଦ, ଯାହାର ଧନ ସମ୍ପଦ, ସେ ଜାଣେ ଭକ୍ତିରସସାର |** Only that person knows the truth of devotion who has Lord Gauranga's lotus feet as his *only* treasure - କେବଳ ସେହି ବ୍ୟକ୍ତି ଭକ୍ତିର ମାର୍ମିକ ସତ୍ୟକୁ ଜାଣି ଥାଏ ଯାହାର ସମ୍ପଦ ଏକଲା ଗୌରାଙ୍ଗ ମହାପ୍ରଭୁଙ୍କ ଚରଣାରବିନ୍ଦ | *Only wealth, solely everything.* ତେବେ ତ ଶୟନେ ସ୍ୱପନେ ଜାଗୃତେ ଘୁମିତେ ଗୌରାଙ୍ଗଙ୍କର ଆଭାସ ହୋଇବ | ଗୌରାଙ୍ଗ ମହାପ୍ରଭୁ କାହିଁକି ଆସିବେ ଯଦି ଆମର ସୁଖବୁଦ୍ଧି ଅନ୍ୟବସ୍ତୁରେ ହୋଇବ? ପ୍ରଶ୍ନ କରନ୍ତୁ ନିଜ ଠାରୁ - ଆଉ ଅନ୍ୟ ସବୁ ସୁଖବିଷୟକୁ ଭସ୍ମ କରି ଦିଅନ୍ତୁ | ପରିଶ୍ରମ କରି କୋଣ-କୋଣରୁ ବାହାର କରନ୍ତୁ | ଆମର ବାବାଜୀ ମହାରାଜ କେତେ ସୁନ୍ଦର ଭାବରେ ବର୍ଣିତ କରନ୍ତି - **ସ୍ୱାର୍ଥର ଭଜନରେ ସୁନ୍ଦରତାର ଅଭାବ ହୋଇ ଥାଏ** | ସ୍ୱାର୍ଥ- ମୋତେ ଦର୍ଶନ ଦରକାର | କାହିଁକି? ଆପଣ ସ୍ୱାର୍ଥୀ ଏହିଥିଲାଗି ଦର୍ଶନ କରିବାର କଥା କହୁଛ | ବାସ୍ତବିକତାରେ ତାଙ୍କୁ କଣ ଦରକାର ଏହାର ଚିନ୍ତନ କରିବାର ଅଛି - ତେବେ ଦର୍ଶନର ମହତ୍ତ୍ୱ ଅଛି ବି | ବସ୍ତ୍ର ସେବା ପାଇଁ, ଚାମରସେବା ପାଇଁ - ଠିକ ଅଛି | ସ୍ୱାର୍ଥର ଭଜନରେ ସୁନ୍ଦରତାର ଅଭାବ ହୋଇ ଥାଏ |There's no beauty in *Bhajan* if it has selfish motives. There's no beauty there. Even if there is a little bit of selfishness, even if for sympathy, I want to have *darshan*..this is selfish greed. ଏହାର ତାଙ୍କ ସେବା ଅବା ସୁଖ ସହିତ କୌଣସି ସମ୍ବନ୍ଧ ନାହିଁ | "ତାଙ୍କୁ କେଉଁ ଜିନିଷର ଆବଶ୍ୟକତା ଅଛି?" ଯଦି ଏହି ଭାବନା ଆମର ହୃଦୟରେ ଅଛି ତାହାଲେ ଆମକୁ ଛାଁ-ଛାଁ ଦର୍ଶନ ହୋଇ ଯିବ | ଯେବେ ସେ ଜଗନ୍ନାଥ

ଆଦି ବିଗ୍ରହଙ୍କୁ ଦେଖେ ତେବେ ତାର ଚିତ୍ତ-ଆକାଂକ୍ଷା ସେଇ ପ୍ରକାରରେ ହୋଇବ | ତେବେ ଆମର 'ମୁଁ' ବ୍ରାହ୍ମଣ-ବାଳକର ହି ହେବ ଆଉ ଆମେ ମହାପ୍ରଭୁଙ୍କର ପଛେ ନିଜକୁ ପାଇବା | ଆପଣଂକର ଏବେର 'ମୁଁ' ସେଇଠି ହୋଇବ ନାହିଁ | ମୁଁ ସେତେବେଳେ ଚିନ୍ତା କରିବି ଯେ ଯଦି ମହାପ୍ରଭୁ ଭାବାବସ୍ଥାରେ ପଡି ଯାନ୍ତି ତ ମୁଁ ତାଙ୍କୁ ଧରି ନେବି | କିନ୍ତୁ ସେ 'ମୁଁ' ଏବେର 'ମୁଁ' ନୁହେଁ | ଆଉ ସେଇ 'ମୁଁ' ଗୌରାଙ୍ଗଙ୍କର ଦର୍ଶନ ନିଜସୁଖ ପାଇଁ କରେ ନା | ଏବେ ଆମେ ଗୌରାଙ୍ଗଙ୍କ ଦର୍ଶନ ସେବାଭାବରେ କରୁଛନ୍ତି | ନିଜ-ସୁଖ ପାଇଁ! Just for my pleasure! My relishment! ଏକ ମହତ୍ତ୍ୱପୁର୍ଣ କଥା ଯେ - ବ୍ୟକ୍ତିକୁ ଗୌରାଙ୍ଗପ୍ରଭୁଙ୍କ ନାଁ, ରୂପ,ଲୀଳା ଆଉ ଗୁଣ କେବଳ ସେବା ଦ୍ୱାରା ହି ଆସ୍ୱାଦନ ହୁଏ | ଭୃତ୍ୟଭାବରେ ନିମଜ୍ଜିତ! ଆମକୁ ନିଜର ସ୍ଥିତିର ଆଂକଳନ କରିବାକୁ ପଡିବ ଯେ ଆମେ କେତେ ସେବା-ପରାୟଣ ଅଟନ୍ତି | ଆସ୍ୱାଦନର ଧାରା ଯାହା ଭକ୍ତମାନେ ଚାଖନ୍ତି ତାର ଏକମାତ୍ର କାରଣ ସେବତ୍ତ୍ୱରେ ଗମ୍ଭୀର ଅବଶୋଷଣ | ଦାସ୍ୟଭାବ! ଆମର ଜୀବନ ରେ ଆମକୁ ଦେଖିବାର ଅଛି ଯେ ଆମକୁ କେତେ ଲୋଭ ଏଇ ଦାସ୍ୟଭାବ ପାଇବା ପାଇଁ | ପୁର୍ଣପରାୟଣକୁ ଭୁଲି ଯାନ୍ତୁ...କଣ ମୁଁ ବାସ୍ତବରେ ତାଙ୍କ ଦାସ୍ୟ-ଉତ୍ସବର ଅନୁଶୀଳନ କରିବାକୁ ଇଚ୍ଛୁକ? ଦାସ! ଏଇଠି ସେବାରସର ଆସ୍ୱାଦନଧାରା ଚାଲିଚି | ସେବାରସର ଆସ୍ୱାଦନଧାରା ଅଟେ | ଧାରା ଅଟେ...ସେବାରସର! ସେବାର ରସ ଏଟା! ବୁଝୁଛନ୍ତି? ହୃଦୟରୁ କେବଳ ସେବକଭାବରେ ତଲ୍ଲୀନ ହେବା ପାଇଁ ଇଚ୍ଛୁକ | ପ୍ରଥମେ ନିର୍ଣ୍ଣୟ କରି ନିୟନ୍ତୁ ଯେ ଏଇ ସେବାରସର ଆସ୍ୱାଦନ ଅଟେ | ଆଉ କେମିତି ପ୍ରାପ୍ତ ହେବ? ତାଙ୍କର ସେବାର ଅଭିଳାଷ ଏବଂ ଚିନ୍ତା କରନ୍ତୁ | ଏମିତି ନୁହେଁ ଯେ ମୁଁ ଗୌରାଙ୍ଗଙ୍କର ଚିନ୍ତନ କରିବାକୁ ଚାହେଁ, ନା! "ମୁଁ ଗୌରାଙ୍ଗଙ୍କ ଦାସ" ଏହି ଅଭିମାନ ସଦା ଜାଗୃତ ରହିବା ଦରକାର | "I'm Lord Gauranga's servant!" –This [real] ego should totally be occupying our heart. "I'm Lord Gauranga's servant!" This ego – the true ego, should occupy every corner of our heart. ଏହି ତ ଗୋଟିଏ କଥା | ସାଙ୍ଗରେ...ମୁଁ ଦେଖିଚି ବହୁତ ସିଦ୍ଧ-ସନ୍ତମାନଙ୍କୁ ଯେ ନିରନ୍ତର ଛଃ ଘଣ୍ଟା ବସି କେବଳ - "ହା ହା ଗୌର! ହା ହା ଗୌର! ହା ହା ଗୌର!" ର ଭାବାଞ୍ଜଳି ଦିୟନ୍ତି | ସେ ମାନେ ଘଣ୍ଟା, ଦିନ-ଦିନ ବସି କେବଳ ଏହା କରନ୍ତି | ରାତ୍ରିବେଳେ ଯେବେ ଆମେ ଶୋଇ ଯାନ୍ତି ସେମାନେ ଏଗାରରୁ ଭୋର ପାଞ୍ଚଟା ପର୍ଯନ୍ତ କେବେଲ ଏହା କରନ୍ତି | ସେ ଶୁଅନ୍ତି ନାହିଁ..କଣ କରନ୍ତି? "ହା ହା ଗୌର! ହା ହା ଗୌର! ହା ହା ଗୌର!" ଜପ ସାଙ୍ଗରେ ଆମକୁ କୀର୍ତ୍ତନ କରିବା ଦରକାର | ନିଶ୍ଚିତ ଭାବରେ! ଏହି କୀର୍ତନ - "ହା ହା ଗୌର! ପ୍ରାଣ ଗୌର! ହା ହା ଗୌର! ପ୍ରାଣ ଗୌର! ହା ହା ଗୌର!" ବାସ୍ତବିକତାରେ ଗୌରମୟ ହେବା ଲାଗି ଆମକୁ ନ୍ୟାୟଉଚିତ ସାଧନା କରିବାକୁ ପଡିବ, କେବଳ ବୁଦ୍ଧିସୀମାରେ ନୁହେଁ | ଏହି ବୁଦ୍ଧିର ବିଷୟ ନୁହେଁ ଯେ ଆମକୁ ଗୌରମୟ ହେବାର ଅଛି | ଆମକୁ ଆତ୍ମସାତ କରିବାକୁ ପଡିବ | ଆମକୁ ବୁଝିବାକୁ ପଡିବ ଯେ ଆମେ ଭୌତିକ ସଂସାରରୁ କିଛି ବି ପ୍ରାପ୍ତ କରି ପରିବା ନାହିଁ | ବାସ୍ତବରେ ଲାଭ କେବଳ ଏକ କାର୍ଯ୍ୟରେ - ଶ୍ରୀଗୌରାଙ୍ଗ ପାଇଁ ରୁଦନରେ | ଏଇଟା ଏକମାତ୍ର ଲାଭ - କାନ୍ଦିବା! କାନ୍ଦନ୍ତୁ ! କାନ୍ଦନ୍ତୁ! ଯଦି କାନ୍ଦି ନ ପାରୁଛନ୍ତି ତାହାଲେ ଚେଷ୍ଟା କରନ୍ତୁ | କିନ୍ତୁ କାନ୍ଦନ୍ତୁ! ସରଳ ମନ୍ତ୍ର - "ହା ହା ଗୌର! ହା ହା ଗୌର! ହା ହା ଗୌର!" ନିରନ୍ତର! ତେବେ ଯାଇକି ଆମକୁ ତାଙ୍କର ଶୋଷ ଲାଗିବ ନା! ନିରନ୍ତର ଜପନ୍ତୁ - ଗୋର! ଗୋର! ଗୋର! କେତେ ମହାତ୍ମାଜନ ଏଇ ପଥର ଅନୁଗମନ କରନ୍ତି; ଘଣ୍ଟା ଧରି ଘଣ୍ଟା, ପ୍ରତିଦିନ | ଏହି ତାଙ୍କର ସାଧନା ଏବଂ ଆସ୍ୱାଦନ | ବହୁଘଣ୍ଟା ନିରନ୍ତର - "ହା ହା ଗୌର! ହା ହା ଗୌର! ହା ହା ଗୌର!" ଆପଣ ଗୋଟେଇ ଥର କରି ଏତେ ଆନନ୍ଦିନ, ଭାବନ୍ତୁ ଯଦି ନିତ୍ୟ-ପ୍ରତିଦିନ କରିବେ ତ କଣ ହୋଇବ! ଗୌରପ୍ରେମ ପ୍ରାପ୍ତି ପାଇଁ ସଭିଙ୍କୁ କିଛି ଜିନିଷ କରିବା ଦରକାର- ଏକ ତ ପ୍ରତିଦିନ ଏକ ଘଣ୍ଟା କିମ୍ବା ଅଧିକ ପାଇଁ : "ହା ହା ଗୌର! ହା ହା ଗୌର! ହା ହା ଗୌର!" ଆଉ ଯାହା କିଛି ବିବରଣ ଆପଣ ଗୌରପ୍ରଭୁଙ୍କ ବିଷୟରେ ଶୁଣିଲେ ତାର ଉପରେ ଧ୍ୟାନ କରନ୍ତୁ | କେବଳ ଗ୍ରଂଥ ପଠନରୁ ଗୌରାଚାନ୍ଦର ସୁନ୍ଦରତା ହୃଦୟରେ ପ୍ରବେଶ କରେ ନାହିଁ | ଗୁରୁ ଆଉ ସାଧୁଜଣଙ୍କ କଥା ନିତ୍ୟ ଶୁଣିବାର ଚେଷ୍ଟା କରିବା ଦରକାର | ଗୌରାରାୟଙ୍କର ସୌନ୍ଦର୍ୟ୍ୟ ଆଉ ଲୀଳାର ନିତ୍ୟ ଧ୍ୟାନ କରନ୍ତୁ | ଗ୍ରଂଥ ଅବଶ୍ୟ ପଢନ୍ତୁ, ସାଧୁ ମୁଖ ନିସୃତ ବାକ୍ୟ ଶୁଣନ୍ତୁ- କିନ୍ତୁ କିଛି ବିଶେଷ ପଦ୍ଧତିଙ୍କୁ

ପ୍ରତିଦିନ ଭକ୍ତିପୂର୍ଣ କରନ୍ତୁ | ସହସ୍ର ଭାଷଣ ଶୁଣିବାର କିଛି ଆବଶ୍ୟକତା ନାହିଁ | କିଛି ବିଶେଷ ଭକ୍ତି ଅଙ୍ଗର ପାଳନ ପୂର୍ଣ ହୃଦୟନିବେଶ କରି କରନ୍ତୁ | ଗୌରାଙ୍ଗପ୍ରଭୁଙ୍କ ସୌନ୍ଦର୍ଯ୍ୟର ବର୍ଣ୍ଣନ, ତାଙ୍କର ଜଗନ୍ନାଥଦର୍ଶନର ଲୀଳା, ତାଙ୍କର ନୃତ୍ୟର ଚିନ୍ତନ ...ଆଉ ତାଙ୍କ ନାଁ ଭକ୍ତିପୂରିତ ହୃଦୟରୁ ନିଅନ୍ତୁ | ନିଜକୁ ପ୍ରତିଦିନ କୁହନ୍ତୁ ଯେ ମୋତେ ମୋର ହୃଦୟକୁ ଗୌରମୟ ବନେଇବାର ଇଚ୍ଛା! ବ୍ରାୟାନ ରହିତ, ଗୌରମୟ! ପ୍ରଥମେ ଆମକୁ ଦୃଢ଼ସଂକଳ୍ପିତ ହେବାକୁ ପଡିବ ଯେ ଆମକୁ କଣ ଦରକାର; ନିଜ ପାଇଁ ସତ୍ୟନିଷ୍ଠ ରୁହନ୍ତୁ ଯେ ମୋତେ ବାସ୍ତବରେ କଣ ଦରକାର | We have to be true to ourselves, and not cheat ourselves. We should know what does it mean to become Gaurmay! ହୃଦୟରେ ଗୌରାନୁରାଗର ପ୍ରଗାଢ଼ ତରଙ୍ଗ ହେବା ଦରକାର | ଗୌର ଅନୁରାଗ କେମିତି ହୋଇବ? ଗୌର ନାଁର ସତତ କୀର୍ତ୍ତନ ଦ୍ଵାରା | So I told a few things: Cry out for Lord Gauranga, meditate on the descriptions being heard [about Him] and have immense love and respect for *Nabadwip Dham*. ଶ୍ରୀପାଦ ପ୍ରବୋଧାନନ୍ଦ ସରସ୍ବତୀ କୁହନ୍ତି :

**ନମାମି ତଦ ଗୋଦ୍ରୁମଂ ଏବ ମୂର୍ଦ୍ଧନା, ବଦାମି ତଦ ଗୋଦ୍ରୁମଂ ଏବ ବାଚା |**
**ସ୍ମରାମି ତଦ ଗୋଦ୍ରୁମଂ ଏବ ବୁଦ୍ଧୟା, ଶ୍ରୀଗୋଦ୍ରୁମାଦ ଅନ୍ୟମାହଂ ନ ଜାନେ || (ନବଦ୍ବୀପ ଶତକଂ ୫୭)**


"ମୁଁ ନିଜ ମସ୍ତକ ଦ୍ଵାରା ଗୋଦ୍ରୁମଧାମକୁ ନମସ୍କାର କରୁଛି, ନିଜ ବାଣୀ ଦ୍ଵାରା ତାର ଯଶ-ବିଳାସ କହୁଛି, ନିଜ ମନ ଦ୍ଵାରା ତାର ସ୍ମରଣ କରୁଛି ଆଉ ଏଇ ଗୋଦ୍ରୁମକୁ ଛାଡି ମୁଁ ଆଉ କିଛି ବି ଜାଣେ ନାହିଁ!" ମୁଁ ଆଉ କିଛି ବି ଜାଣେ ନାହିଁ! କଣ ଆମର ସ୍ୱପ୍ନରେ ବି ଗୋଦ୍ରୁମର ଏହି ଆଶା ଆମକୁ ଟାଣେ? ଗୋଦ୍ରୁମ ଆମକୁ ମାତ୍ର ଗୋଦ୍ରୁମ ହି ଲାଗେ | ମୋ ସହିତ ପ୍ରାସଙ୍ଗିକ ନୁହେଁ | କିନ୍ତୁ ସରସ୍ଵତୀପାଦ କୁହନ୍ତି ଯେ - ମୋ ପାଇଁ ଗୋଦ୍ରୁମ ମୋର ସର୍ବସ୍ଵ! ଏହି କୋଟିର ଆସକ୍ତି! ଧାମରେ ବାସ କରିବା ପାଇଁ ପ୍ରଚଣ୍ଡ ଇଚ୍ଛା! ପ୍ରତିବର୍ଷ ଆସୁଛନ୍ତି, ଧାମରେ ରୁହନ୍ତି...ଗୋଦ୍ରୁମସେବା ଛାଡି ଆଉ କିଛି ଇଚ୍ଛା ନାହିଁ | ଏବେ କହିବେ ଯେ ମୁଁ ପରିବାରକୁ ଛାଡି ଆଉ କିଛି ଜାଣେ ନା! କିନ୍ତୁ ସେ କୁହନ୍ତି ଯେ ଗୋଦ୍ରୁମ ଛାଡି ମୁଁ ଅନ୍ୟ କିଛି ଜାଣେ ନା! ଆଉ ଏହି ଶ୍ଳୋକ କେତେ ରମ୍ୟ:

**ନା ସତ୍ଵାକ୍ଷେ ଲୋକେ ସ୍ପୃହତି ମନୋ ବ୍ରହ୍ମା ପଦବିମ, ନ ବୈକୁଣ୍ଠେ ବିଷ୍ଣୋରପି ମୃଗଯତେ ପାର୍ଷଦ ତନୁମ |**
**ନବଦ୍ଵୀପେ ଶୁଦ୍ଧ ମଧୁର-ରସ ଭାରୋତସବବତାଂ, ନିବାସେ ଧନ୍ୟାନାଂ ସୁବାହୁ କୃମି ଜନ୍ମାପି ମନୁତେ || ( ନବଦ୍ବୀପ ଶତକଂ ୭୨ )**

"ମୁଁ ସତ୍ୟଲୋକରେ ବ୍ରହ୍ମାତନୁର ଇଚ୍ଛୁକ ନୁହେଁ, ନା ମୁଁ ବୈକୁଣ୍ଠରେ ଶ୍ରୀବିଷ୍ଣୁଙ୍କର ପାର୍ଷଦ ହେବାର ଅଭିଳାଷି | କିନ୍ତୁ ମୋତେ ଉଚ୍ଚତମ ଜନ୍ମର ଆଶା ଯେବେ ମୁଁ ନବଦ୍ଵୀପରେ କେଉଁ ଭାଗ୍ୟବାନ ଜୀବର ଘରେ ଜନ୍ମ ନିଏ, ଯଦ୍ୟପି କୃମି ରୂପରେ, ଯେ ସଦା ପ୍ରଚୁର ମଧୁରରସର ମହୋତ୍ସବରେ ଲିପ୍ତ ରୁହନ୍ତି! " Not even as a Brahma we want to live, rather as a tiny insect in *Navadwip.* ଆଉ ଆମେ ଏଇଠି କାରୋଡ଼ପତି ଆଉ ଆରବପତି ହେବାର ସ୍ୱପ୍ନ ଦେଖନ୍ତି | ଆମର କେତେ ଛୋଟ ଛୋଟ ଇଚ୍ଛା! We wish to become a tiny millionare, and he doesn't even want to become Lord Brahma! କେବଳ ଏକ ନିଷ୍କପଟ ବ୍ୟକ୍ତି ଗୁରୁପଦାଶ୍ରୟ ନେଇ ନବଦ୍ଵୀପର ମହିମା ଜାଣି ପାରିବ | ନବଦ୍ଵୀପ ପରମଗୋପନୀୟ ସ୍ଥାନ | ଯେବେ ନାରାୟଣ ଆସନ୍ତି ତେବେ ନବଦ୍ଵୀପ ବି ଆସେ, କିନ୍ତୁ ଏହା ଏତେ ଗୁହ୍ୟ, ଯେ ଏହାର ରାସ୍ତା ମିଳେ ନାହିଁ | କେବଳ ଗୁରୁଙ୍କ ଦୟାରୁ ଏହା ସମ୍ଭବ| **"ସ୍ୱ ଗୁରୁ କୃପୟା କର୍ଷତି ଇତି ଧାମ"**- ସ୍ୱ ଗୁରୁ କୃପୟା | ଏହା ଜଟିଳ ବିଷୟ ଯେ ମୁଁ ନବଦ୍ବିପରେ କଣ କରୁଛି? ପ୍ରଶ୍ନଚିହ୍ନ ! କେବଳ ଏଇଠି-ସେଇଠି ଭ୍ରମଣ କରୁଛି | ସେହି ମନ୍ଦିରକୁ ଯାଉଛି, ପୁଣି ସେହି! ପ୍ରବୋଧାନନ୍ଦ ସରସ୍ବତୀ କଣ କୁହନ୍ତି ଏହି ବିଷୟରେ?

**ସକାଳ ବୈଭବ ସାରଂ ସର୍ବ ଧର୍ମୈକ ସାରଂ, ସକଳ ଭଜନ ସାରଂ ସର୍ବ ସିଦ୍ଧୟେକ ସାରଂ |**

**ସକଳ ମହିମ ସାରଂ ବସ୍ତୁ ଖଣ୍ଡେ ନବାକ୍ଷେ, ସକଳ ମାଧୁରିମାମଭୋ ରଶି ସାରଂ ବିହାରଃ || ( ନବଦ୍ବୀପ ଶତକଂ ୬0 )**



ସବୁ ଐଶ୍ୱର୍ଯ୍ୟ, ଭଜନ, ଧର୍ମ, ସର୍ବସିଦ୍ଧି ,ସର୍ବମହିମାର ସାର - ନବଦ୍ୱୀପର ଭ୍ରମଣ! Just wandering in *Navadwip* is the essence of all religions. ପରିକ୍ରମା, ଦର୍ଶନ, ଇତ୍ୟାଦି ଏହା ସଭିଙ୍କର ସାର! ଆଉ ଆମେ ଭାବୁଛନ୍ତି ଯେ ଆମେ ନବଦ୍ୱୀପରେ କଣ କରୁଛନ୍ତି! ଏହା ସର୍ବଭଜନର ସାରଂ - ସବୁ ପ୍ରକାରର ଭଜନଙ୍କର ମର୍ମ! ଯଦି ନବଦ୍ୱୀପରେ ମାତ୍ର ଭ୍ରମଣ ବି କରନ୍ତି ତ ସିଦ୍ଧି ଆପଣଙ୍କୁ ଶୀଘ୍ରତାରେ ପ୍ରାପ୍ତ ହୁଅନ୍ତି | ସର୍ବ ଧର୍ମୈକ ସାରଂ, ସକଳ ଭଜନ ସାରଂ! ପରମପୂଜ୍ୟ ସରସ୍ୱତୀପାଦ କେତେ ସୁନ୍ଦରଭାବରେ ଲେଖୁଛନ୍ତି ଯେ କେବେ "ମୁଁ ସଂସାରଶୂନ୍ୟ ହୋଇ ନବଦ୍ୱୀପରେ ଭ୍ରମଣ କରିବି?" ଏ ତାଙ୍କର ମନୋବାଞ୍ଛା ! When will that day come when I shall be oblivious to everyone and everything of the world and just wander in *Nabadwip*! ତ ପ୍ରବୋଧାନନ୍ଦ ସ୍ୱାମୀଙ୍କର ହୃଦୟ ଏହି ପଦବୀରେ ସ୍ଥିତ ଆଉ ଆମର ହୃଦୟ କୋଉଠି? ଆମକୁ ସେହି ଭାବନା ପୂରିତ ହେବାକୁ ପଡିବ ଦର୍ଶନ କରିବା ପାଇଁ | ନବଦ୍ୱୀପରେ ଭ୍ରମଣ | ଯଦି ଆମେ ସଂସାରକୁ କୂଡା ସମାନ ବୁଝିବା ତାହାଲେ ହି ବାସ୍ତବରେ ଆମେ ନବଦ୍ୱୀପରେ ଭ୍ରମଣ କରି ପାରିବା | ଭୌତିକି ସଂସାରରେ ଲାଭ ଶବ୍ଦ ବିଦ୍ୟମାନ ହି ନୁହେଁ | କେବଳ ଗୋଟିଏ ଲାଭ - ସଂସାର ଭୁଲି ନବଦ୍ୱୀପର ଭ୍ରମଣ କରିବା | ଏକମାତ୍ର ଲାଭ!

**ନିତାଇ-ଗୌର ପ୍ରେମାନନ୍ଦେ ହରି ହରି ବୋଲ!**